**ସମଲେଇଙ୍କ ସାଧାରଣ ଦର୍ଶନ ସମୟ ବୃଦ୍ଧି**

ସମ୍ବଲପୁର (ବ୍ୟୁରୋ)- ସମ୍ବଲପୁର ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ବୈଠକ ବୁଧବାର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା'ଙ୍କ ସାଧାରଣ ଦର୍ଶନ ସମୟ ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବରୁ ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରହିଥିଲା। ହେଲେ ଏବେ ରାତି ୯ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଜୁନ ୨ ତାରିଖଠାରୁ ଏହା ଲାଗୁ କରାଯିବ। ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ବାବୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ମୁକେଶ୍ୱର ବାବାଙ୍କ ପତରପେଣ୍ଡି ଆଜି

ଜମନକିରା,୧।୬(ଡି.ଏନ.ଏ.): ଜମନକିରା ବ୍ଲକ ସଦର ମହକୁମାସ୍ଥିତ ମୁକେଶ୍ୱର ମହାପ୍ରଭୁଙ୍କ ପତରପେଣ୍ଡି ଗୁରୁବାର ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି। ମାତା ପାର୍ବତୀଙ୍କ ମାତାପିତା ଭାବେ ଜମନକିରା ରାଧାକୃଷ୍ଣପଡ଼ାର ଗଣେଶ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ମନୀଷା ଅଗ୍ରୱାଲ ସୌଭାଗ୍ୟ ପ୍ରାପ୍ତି ହୋଇଛନ୍ତି। ସେହିପରି ମୁକ୍ତେଶ୍ୱର ବାବାଙ୍କ ମାତାପିତା ଭାବେ ଜମନକିରା କଦଳୀମୁଣ୍ଡାର ପ୍ରଧାନ ଓ ତାଙ୍କ ସ୍ତ୍ରୀ ନଳିନୀ ପ୍ରଧାନ ସୌଭାଗ୍ୟ ପ୍ରାପ୍ତି ହୋଇଛନ୍ତି।

### ବଜ୍ରପାତରେ ଷଷ୍ଠ ଶ୍ରେଣୀ ଛାତ୍ର ମୃତ

ଦେବଗଡ଼,୧।୬(ଡି.ଏନ.ଏ): ଦେବଗଡ଼ ଥାନା ଅନ୍ତର୍ଗତ ବିଛଣାପୁର ଗ୍ରାମରେ ବୁଧବାର ବଜ୍ରପାତ ହେବାରୁ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରକୋଟ ବ୍ଲକ ଦନ୍ତାରିବାହାଲ ଗ୍ରାମର ରମଣୀକାନ୍ତ ରଣା। ସେ ବିଛଣାପୁର ଗ୍ରାମ ସ୍ଥିତ ତାଙ୍କ ମାମୁଁ ଘରେ ରହି ପାଠ ପଢୁଥିଲେ। ଅପରାହ୍ନରେ ରମଣୀକାନ୍ତ ଘର ବାହାରେ ଆମ୍ବ ଗଛ ମୂଳେ ଖେଳୁଥିବା ବେଳେ ହଠାତ ହଠାତ ଝଡପବନ ସହ ବର୍ଷା ଓ ବଜ୍ରପାତ ହୋଇଥିଲା। ଫଳରେ ରମଣୀ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ଦେବଗଡ଼ ଥାନା ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

### ସ୍ଥାୟୀ ଅଧିକାରୀ ନିଯୁକ୍ତି ନ ହେଲେ ଆନ୍ଦୋଳନ

**ଜଣେ ଅଧିକାରୀଙ୍କୁ ୨ ଦାୟିତ୍ୱ**

ଜମନକିରା,୧।୬(ଡି.ଏନ.ଏ.): ଜମନକିରା ବ୍ଲକର କେତେକ ପଞ୍ଚାୟତରେ ସ୍ଥାୟୀ ନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍ ନ ଥିବାରୁ ଲୋକେ ଆବଶ୍ୟକ ସମୟରେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଆଗାମୀ ୭ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବ୍ଲକ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନା ଅନୁଯାୟୀ ସଦର ଜମନକିରା ପଞ୍ଚାୟତରେ ମନୋଜ କୁମାର ପଟେଲଙ୍କୁ ନିର୍ବାହୀ ଅଧିକାରୀ ଦାୟିତ୍ୱ ଦିଆଯାଇଛି। ମାତ୍ର ସେ ପୂର୍ବରୁ ଭୋଜପୁର ପଞ୍ଚାୟତ ଦାୟିତ୍ୱ ନେଇଛନ୍ତି। ଜଣେ ବ୍ୟକ୍ତି ଦୁଇଟି ପଞ୍ଚାୟତ ଦାୟିତ୍ୱରେ ଥିବାରୁ ସେ ଠିକ୍‌ଭାବେ କାର୍ଯ୍ୟ ତୁଲାଇ ପାରୁନାହାନ୍ତି। ସେହିପରି ଜିଆର୍‌ଏସ୍ ସରୋଜ କୁମାର ଆଚାର୍ଯ୍ୟଙ୍କୁ ଏକସଙ୍ଗରେ କସଡା ଓ ଜମନକିରା ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। ଦୁଇ ଦୁଇଟି ଅଫିସ ଦାୟିତ୍ୱରେ ଥିବାରୁ ଲୋକେ କାମରେ ଗଲେ ଅଧିକାରୀଙ୍କୁ ନ ପାଇ ନିରାଶ ହୋଇ ଫେରୁଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ଟୁନୁ ମେହେରଙ୍କୁ ପଚାରିବାରୁ ୭ଦିନ ମଧ୍ୟରେ ସ୍ୱତନ୍ତ୍ର ଭାବେ ପିଇଓ ଓ ଜିଆର୍‌ଏସ୍ ନିଯୁକ୍ତି ଦିଆଯିବ ବୋଲି କହିଥିଲେ।

### ଜମନକିରା ପଞ୍ଚାୟତ ସମିତି ସ୍ୱତନ୍ତ୍ର ବୈଠକ

ଜମନକିରା,୧।୬(ଡି.ଏନ.ଏ.): ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ନେଇ ଏକ ସ୍ୱତନ୍ତ୍ର ବୈଠକ ଅଧକ୍ଷା ଆଶ୍ରିତା ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଛି। ବିଡିଓ ଟୁନୁ ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଏମ୍‌ପି ପ୍ରତିନିଧି ସୁନୀଲ ମୁଦୁଲି, ଉପାଧକ୍ଷ ରୋହିତ ଭୋଇ, ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ଜୋନ ୨ ତନୟା ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ଗ୍ରାମାଞ୍ଚଳରେ ପାଣି ସମସ୍ୟା ଓ ପାଇଖାନା ଉପରେ ଆଲୋଚନା କରାଯାଇ ଶୀଘ୍ର ସମାଧାନ କରିବା ପାଇଁ କୁହାଯାଇଥିଲା। ନୂତନ ନଳକୂପ ଖନନ ଓ ଯେଉଁଠି ନଳକୂପ ଅକାମୀ ହୋଇ ରହିଛି ଶୀଘ୍ର ମରାମତି କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ପାଇଖାନା ଶୀଘ୍ର ନିର୍ମାଣ କରିବାକୁ କୁହାଯାଇଥିଲା। ବୈଠକରେ ୨୧ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶେଷରେ ଜିପିଓ ସତ୍ୟପ୍ରିୟ ସାହୁ ଧନ୍ୟବାଦ ଦେଇଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଅନ୍ୟ ଗୋଷ୍ଠୀର ବୈଠକ

**ଯୁଯୁମୁରା ବ୍ଲକ ଭାଜପାରେ ଫାଟ ଚର୍ଚ୍ଚା**

- ଏମ୍‌ପି ପ୍ରତିନିଧି ଚୟନକୁ ବିରୋଧ
- ଜୁଲାଇରେ ମିଶ୍ରଣ ପର୍ବ କରିବାକୁ ନିଷ୍ପତ୍ତି

ସମ୍ବଲପୁର,୧।୬(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍‌ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜୁନ ୫ ତାରିଖରେ ସାଧାରଣ ସଭା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏଥିପାଇଁ ପ୍ରସ୍ତୁତି ମଧ୍ୟ ଜୋର୍‌ସୋର୍‌ର ଚାଲିଛି। ଏପରିସ୍ଥଳେ ଗୋଟିଏ ଗୋଷ୍ଠୀ ଯୁଯୁମୁରା ଶିବମନ୍ଦିର ପ୍ରାଙ୍ଗଣରେ ବୁଧବାର ଏକ ଜରୁରୀ ବୈଠକ କରିଛନ୍ତି। ଏହାକୁ ନେଇ ଦଳରେ ଫାଟ ସୃଷ୍ଟି ହୋଇଥିବା ଏଠାରେ ଆଲୋଚନା ହେଉଛି।

କୃଷକ ମୋର୍ଚ୍ଚା ରାଜ୍ୟ ପୂର୍ବତନ ସଦସ୍ୟ ସୂର୍ଯ୍ୟକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ଯୁଯୁମୁରା ସମେତ କୟାକୁଦ, କସଂର, ଗଡଲୁଇସିଂ, କେସାପାଲି ପଞ୍ଚାୟତର ଭାଜପା କର୍ମକର୍ତ୍ତା ଯୋଗଦେଇ ବ୍ଲକରେ ଦଳ କିଭଳି କାମ କରିବ ସେ ନେଇ ରଣନୀତି ପ୍ରସ୍ତୁତ କରିଥିଲେ। ଯୁଯୁମୁରା ବ୍ଲକରେ ଏମ୍‌ପି ପ୍ରତିନିଧି ସସ୍ମିତା ଦେହୁରିଙ୍କୁ ମନୋନୀତ କରାଯାଇଥିବା ଚର୍ଚ୍ଚା ହେଉଛି। ଏହି ନିଯୁକ୍ତିର ସତ୍ୟତାକୁ ନେଇ କର୍ମକର୍ତ୍ତା ପ୍ରଶ୍ନ କରିଥିଲେ। ସେମାନେ କହିଥିଲେ, ସସ୍ମିତା କେବେ ଭାଜପାର ପ୍ରାଥମିକ ସଦସ୍ୟତା ନେଇଥିଲେ। ସମଗ୍ର ବ୍ଲକରେ ଭାଜପାର ଅନେକ ପୁରୁଣା କର୍ମକର୍ତ୍ତା ଅଛନ୍ତି, ଯେଉଁମାନେ ଦଳପ୍ରତି ସମର୍ପିତ। ହେଲେ ଅନ୍ୟଦଳର ଜଣେ ନେତ୍ରୀଙ୍କୁ ଏମ୍‌ପି ପ୍ରତିନିଧି କରାଯାଇଛି, ଯାହାକୁ ବିରୋଧ କରାଯାଉଛି ବୋଲି ପ୍ରସ୍ତାବ ଗୃହୀତ କରିଥିଲେ। ବ୍ଲକରେ ପାନୀୟ ଜଳ ସାଙ୍ଗକୁ ଚାଷୀଙ୍କ ସମସ୍ୟା, ବିଭିନ୍ନ ଗ୍ରାମରେ ରାସ୍ତା ଓ ଅନ୍ୟ ଉନ୍ନୟନମୂଳକ କାମ ହେବାର ରହିଛି। ଗ୍ରାମବାସୀଙ୍କ ସହ ଆଲୋଚନା କରି ସେ ଦିଗରେ କାମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଖୁବ୍‌ଶୀଘ୍ର ବ୍ଲକ ଓ ତହସିଲ ଅଫିସ ଘେରାଉ କରିବାକୁ ସ୍ଥିର କରିଥିଲେ। ସେମାନେ ଆହୁରି କହିଥିଲେ, ବ୍ଲକରେ କେତେଜଣ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଯୁବ ବର୍ଗ ଭାଜପାରେ ଯୋଗଦାନ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ବାରମ୍ବାର ମିଶ୍ରଣ ପର୍ବ କରିବାକୁ ଅନୁରୋଧ କରୁଛନ୍ତି। ତେଣୁ ଜୁଲାଇରେ ଏକ ମିଶ୍ରଣ ପର୍ବ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟପଟେ ବ୍ଲକରେ ଉଜ୍ଜ୍ୱଳା ଓ ସାଧାରଣ ହିତଧିକାରୀ ଠିକ୍ ଭାବେ ରନ୍ଧନ ଗ୍ୟାସ୍ ପାଉନାହାନ୍ତି। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଭାଜପାର ଗୋଟିଏ ଗୋଷ୍ଠୀଙ୍କ ଏହି ବୈଠକ ପରେ ରାଜନୀତି ସରଗରମ ହୋଇ ପଡିଛି। ଆଜିର ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମକର୍ତ୍ତା ହେବାକୁ ଥିବା କେନ୍ଦ୍ରମନ୍ତ୍ରୀଙ୍କ ବୈଠକରେ ଯୋଗଦେଇ ସମର୍ଥନ କରିବେ ନା ବିରୋଧ କରିବେ ସେ ନେଇ ଆଲୋଚନା ଜୋର ଧରିଛି। ଏ ସମ୍ପର୍କରେ ପାଣିଗ୍ରାହୀ କହିଛନ୍ତି, ଯୁଯୁମୁରାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହେଉଛି। ଏହା ଦଳୀୟ ବୈଠକ। ଆମେ ଦଳର କର୍ମକର୍ତ୍ତା, ତେଣୁ ବିରୋଧ କରିବୁ ନାହିଁ। ହେଲେ କୌଣସି ପ୍ରସ୍ତୁତି ବୈଠକକୁ ଆମକୁ ଡକାଯାଇ ନାହିଁ କିମ୍ବା ମତ ନେଇନାହାନ୍ତି। ତେଣୁ ସକ୍ରିୟ ଭାବେ ସମର୍ଥନ କରିବୁ ନାହିଁ। ଏମ୍‌ପି ପ୍ରତିନିଧି ନିଯୁକ୍ତି କରିବା ମଧ୍ୟ ଦ୍ୱନ୍ଦ୍ୱରେ ରହିଛି। ଭାଜପା ଏକ ଆଦର୍ଶରେ ଚାଲିଥାଏ। କେତେକ ମୁଷ୍ଟିମେୟ ନେତା ଓ କର୍ମକର୍ତ୍ତା ଦଳକୁ ସଂଗଠିତ କରିବା ବଦଳରେ ଭାଗ ଭାଗ କରିବାକୁ ଚେଷ୍ଟା କରୁଛନ୍ତି। ଆଗକୁ ଏ ନେଇ ହାଇକମାଣ୍ଡଙ୍କ ଆଗରେ ଅଭିଯୋଗ କରାଯିବ ବୋଲି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁଯୁମୁରା ମଣ୍ଡଳ ସାଧାରଣ ସମ୍ପାଦକ ସୈଗନ କୁମାର ବିଶ୍ୱାଳ, ହେମନ୍ତ କୁମାର ପ୍ରଧାନ, ଜୟ ଶଙ୍କର ସେଠ, ରାକେଶ ରାନା, ରାଜକିରଣ ଧରୁଆ, ନିରଞ୍ଜନ ମହାକୁଡ, ରଞ୍ଜିତ ଶଣ୍ଢ, ବିଶ୍ୱରଞ୍ଜନ ପ୍ରଧାନ, ବିଶୋକ କୁମାର ମାଝି, ଲକ୍ଷ୍ମୀକାନ୍ତ ବିଶ୍ୱାଳଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

## ମୃତ୍ତିକା ସଂରକ୍ଷଣ ବିଭାଗର କମିଟି ଗଠନକୁ ବିରୋଧ

କୁଚିଣ୍ଡା,୧।୬(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତର ବାଙ୍କେ ଓ ତମନଗୋଡା ଗ୍ରାମରେ କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଜଳ ସଂରକ୍ଷଣ ପାଇଁ ପୋଖରୀ ଖନନ ସାଙ୍ଗକୁ ଗରିବଙ୍କ ବିକାଶ ପାଇଁ ଅନ୍ୟ କେତେକ ଯୋଜନା ମଞ୍ଜୁର ହୋଇଛି। ଏହାର ପରିଚାଳନା ନିମନ୍ତେ ଗ୍ରାମସଭା ମାଧ୍ୟମରେ ଏକ କମିଟି ଗଠନର ପ୍ରାବଧାନ ରହିଛି। ତେଣୁ ମୃତ୍ତିକା ସଂରକ୍ଷଣ ବିଭାଗ ପତ୍ର ସଂଖ୍ୟା ୧୭୫/୧୯।୫।୨୨ରେ ବାଙ୍କେ ଓ ତମନଗୋଡା ଗ୍ରାମବାସୀଙ୍କୁ ୩୧।୫।୨୨ରେ କମିଟି ଗଠନ ପାଇଁ ନୋଟିସ କରାଯାଇଥିଲା। ଏତଦ୍‌ବ୍ୟତୀତ ଲୋକଙ୍କ ଅବଗତି ନିମନ୍ତେ ଉଭୟ ଗ୍ରାମରେ ଗ୍ରାମରକ୍ଷୀଙ୍କ ଦ୍ୱାରା ଢେଣ୍ଡୁରା ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ବାଙ୍କେ ଗ୍ରାମ ସ୍କୁଲ ନିକଟ ଆମ୍ବ ତୋଟାରେ ଉଭୟ ଗ୍ରାମର ଶତାଧିକ ମହିଳା ପୁରୁଷଙ୍କ ଉପସ୍ଥିତିରେ ସରକାରୀ ନିୟମ ଅନୁଯାୟୀ ଅଧିକାରୀମାନେ କମିଟି ଗଠନ କରିଥିଲେ। ଏହି ବୈଠକରେ ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ, ବାଙ୍କେ ସମିତି ସଭ୍ୟ ସମୀର କଉଡି ମଧ୍ୟ ଉପସ୍ଥିତ ଥିଲେ। କମିଟି ଗଠନରେ ପାତର ଅନ୍ତର ହୋଇଥିବା ଅଭିଯୋଗ କରି ସରପଞ୍ଚ ପିଙ୍କି ନାଏକ ଆଉ ଥରେ ଗଠନ କରିବାକୁ କୁଚିଣ୍ଡା ବିଡିଓ ଓ ଉପଜିଲାପାଳଙ୍କୁ ଲିଖିତ ଦାବି କରିଛନ୍ତି। କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ଅଧିକାରୀ ମହେନ୍ଦ୍ର ପାଣ୍ଡେଙ୍କୁ ପଚାରିବାରେ କମିଟି ଗଠନରେ କୌଣସି ପାତର ଅନ୍ତର କରାଯାଇ ନାହିଁ। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ସ୍କୁଲ ନିକଟ ଆମ୍ବ ତୋଟାରେ ସମସ୍ତଙ୍କ ସହମତିରେ ବୈଠକ କରାଗଲା। ବାଙ୍କେ ଗାଁ ମୁଣ୍ଡ ଯାତ୍ରା ମଣ୍ଡପରେ କେତେଜଣ ଏସ୍‌ଏଚ୍‌ଜି ମହିଳାଙ୍କୁ ଏକତ୍ର କରି ସରପଞ୍ଚ ଆମକୁ ମଣ୍ଡପକୁ ଆସିବାକୁ ଖବର ଦେଇଥିଲେ। ମାତ୍ର ଉଭୟ ଗ୍ରାମର ଉପସ୍ଥିତି ସଂଖ୍ୟାକୁ ଦେଖି ସରପଞ୍ଚଙ୍କୁ ବୈଠକ ସ୍ଥଳକୁ ଆସିବାକୁ ଅନୁରୋଧ କରିଥିଲେ ବି ସେ ନ ଆସି କିଛି ଲୋକଙ୍କୁ ନେଇ ମିଥ୍ୟା ଆରୋପ କରୁଛନ୍ତି ବୋଲି ପାଣ୍ଡେ କହିଛନ୍ତି।

# ଦେବଗଡ଼ ଜିଲା ପରିଷଦର ପ୍ରଥମ ବୈଠକ



ଜିଲା ପରିଷଦ ବୈଠକରେ ଯୋଗଦେଇଥିବା ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ।

ଦେବଗଡ଼,୧।୬(ଡି.ଏନ.ଏ.)

ଦେବଗଡ଼ ଜିଲା ପରିଷଦର ପ୍ରଥମ ବୈଠକ ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଦେବଗଡ଼ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଉପାଧକ୍ଷା ବର୍ଷାରାଣୀ ମୁଣ୍ଡା ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ ଓ ଡିଏଫ୍‌ଓ ମଗର ଧନାଜୀ ରାଓସୋ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଜିଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ଏହାସହ ବିଭିନ୍ନ ଯୋଜନା ଅନ୍ତର୍ଗତ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟତଃ କୃଷି, ପାନୀୟ ଜଳ, ବିଦ୍ୟୁତ୍, ଜଙ୍ଗଲ, ରାଜସ୍ୱ ଓ ଜଳସେଚନ ଉପରେ ଆଲୋଚନା ହୋଇଥିଲା। ଜିଲାର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗ ପକ୍ଷରୁ ହାତକୁ ନିଆଯାଇଥିବା ପ୍ରକଳ୍ପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

## 'ବେଳ ଥାଉଁ ଥାଉଁ ସୁଧୁରି ଯା' ମଞ୍ଚସ୍ଥ

ସମ୍ବଲପୁର,୧।୬(ବ୍ୟୁରୋ)

ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଅଦୃଶ୍ୟ ନାଟ୍ୟ ଆଶ୍ରମ କଳାକାରମାନେ ସଚେତନ ଧର୍ମୀ ନାଟକ 'ବେଳ ଥାଉଁ ଥାଉଁ ସୁଧୁରି ଯା' ପରିବେଷଣ କରିଛନ୍ତି। ନାଟ୍ୟକାର ଓ ନିର୍ଦ୍ଦେଶକ ଅତିଶ କୁମାର ଶତପଥିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ରାମସାଗର ବୋଟିଂ କ୍ଲବ ଓ ଭୀମଭୋଇ ପାର୍କଠାରେ ନାଟକ ମଞ୍ଚସ୍ଥ ହୋଇଥିଲା । କଳାକାରମାନେ ଅଭିନୟ ମାଧ୍ୟମରେ ଜନସାଧାରଣଙ୍କୁ ତମାଖୁ ସେବନରୁ ଦୂରେଇ ରହିବାକୁ ବାର୍ତ୍ତା ଦେଇଥିଲେ। ବିଭିନ୍ନ ଭୂମିକାରେ ଶୁଭମ ମେହେର, ପଙ୍କଜିନି ମେହେର, ଆଦିତ୍ୟ ସାହା, ଆକାଂକ୍ଷା ଡନସନା, ସୁମିତ୍ରା ମହାକୁର, ଘନ ମେହେର, ଗଣପତି ଷଡଙ୍ଗୀ ପ୍ରମୁଖ ଅଭିନୟ କରିଥିଲେ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ପୋଖରୀ ଉଦ୍‌ଘାଟିତ



ବଡପଡା ପୋଖରୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୧।୬(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବୋମାଲୋଇ ବଡପଡାଠାରେ ଆଦିତ୍ୟ ଆଲୁମିନିୟମ ଦ୍ୱାରା ଖନନ ହୋଇଥିବା ନୂତନ ପୋଖରୀ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବୋମାଲୋଇ ସରପଞ୍ଚ ସରସ୍ୱତୀ ପଧାନ, ପୂର୍ବତନ ସରପଞ୍ଚ ଶେଷଦେବ ପଧାନ, ଆଦିତ୍ୟ ଆଲୁମିନିୟମ କମ୍ପାନୀ ସିଏସ୍‌ଆର୍ ଡିଜିଏମ୍ ଶ୍ୱେତା ଉପାଧ୍ୟାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ପୋଖରୀର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀ ଅଧିକାରୀଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ।

## ସମ୍ବଲପୁର ଯାଦବ ସଂଘର ନୂତନ କର୍ମକର୍ତ୍ତା

ସମ୍ବଲପୁର,୧।୬(ବ୍ୟୁରୋ)

ସମ୍ବଲପୁର ବୁଢାରଜା ମନ୍ଦିର ପ୍ରାଙ୍ଗଣରେ ଯାଦବ ସଂଘର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଭୋଲା ମହଲମଙ୍କୁ ସଭାପତି ଓ ହେମନ୍ତ ଗହୀରଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି । ସେହିପରି ନବକିଶୋର ଜାଲ ସହସମ୍ପାଦକ, ଜୟକିଶୋର ଜାଲ କୋଷାଧକ୍ଷ ରହିଛନ୍ତି। ଉପଦେଷ୍ଟା କମିଟିରେ ରତ୍ନାକର ଭୋଇ, ସୁରେନ୍ଦ୍ରନାଥ ଗୁରୁ, ନରେଶ ବରର୍ଡ଼ୀ, କାର୍ଯ୍ୟକାରୀ କମିଟିରେ ତ୍ରିନାଥ ରାଉତ, ସହଦେବ ଷଣ୍ଢ, ରାଜୁ ପୋଡ଼, ନିଖିଳ ରାଉତ, ରାମଦିନ ଘୁସି, ଶିବଶମ୍ଭୁ ଯାଦବ, ଦେବନ୍ତ ବେହେରା ଏବଂ ଗଣମାଧ୍ୟମ ପ୍ରଭାରୀ ଭାବେ ନରସିଂହ ବରର୍ଡ଼ୀ ମନୋନୀତ ହୋଇଛନ୍ତି।

# ବିନା ଫଳକରେ ପୁନରୁଦ୍ଧାର କାମ

ଜମନକିରା,୧।୬(ଡି.ଏନ.ଏ.)

ଜମନକିରା ସଦର ମହକୁମା ବସ୍‌ଷ୍ଟାଣ୍ଡ ତଥା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା କଟା ଦୀର୍ଘଦିନ ହେଲା ଅବ୍ୟବହୃତ ହୋଇ ପଡ଼ିରହିଥିଲା। ଫଳରେ ଦଳ ଓ ଆବର୍ଜନା ପଡ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଥିଲା। ବାରମ୍ବାର ଦାବି ପରେ ଏହାର ପୁନରୁଦ୍ଧାର ପାଇଁ ଅର୍ଥ ମଞ୍ଜୁର ହୋଇ ଗତ ୨୮ ତାରିଖରୁ କାମ ଆରମ୍ଭ ହୋଇଛି। କୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସୂଚନା ଫଳକ ଲାଗିବାର କଡାକଡି ନିର୍ଦ୍ଦେଶ ରହିଥିବା ବେଳେ ଏଠି ଅବମାନନା କରାଯାଇଥିବା ଦେଖାଯାଇଛି। ଫଳକ ଲଗା ନ ଯିବା ଫଳରେ କାହା ପକ୍ଷରୁ କାମ ହେଉଛି, ଅଟକଳ ପରିମାଣ ଓ ସମୟ ଅବଧି ସମ୍ପର୍କରେ ଲୋକେ ଜାଣିପାରୁ ନାହାନ୍ତି। ଗତ ମାର୍ଚ୍ଚରେ ବ୍ଲକ ସାମାଜିକ ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ କୁଚିଣ୍ଡା ଉପଜିଲାପାଳ ଘୋଷଣା କରିଥିଲେ ଯେ, କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ଯଦି ସୂଚନା ଫଳକ ଲଗା ନ ଯାଉଛି ତା'ହେଲେ ଉକ୍ତ କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ୧ ହଜାର ଟଙ୍କା ଜରିମାନା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିନ୍ତୁ ଅଧିକାରୀମାନେ ଉପଜଲାପାଳଙ୍କ କଥାକୁ ବେଖାତିର କରି ନିଜ ଇଚ୍ଛାରେ କାମ କରିଚାଲିଛନ୍ତି। ଏ ସମ୍ପର୍କରେ ଜମନକିରା ବିଡିଓ ଟୁନୁ ମେହେରଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ହୀରାକୁଦ ରୋପ୍‌ୱେଠାରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ସମ୍ବଲପୁର,୧।୬(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ଜବାହର ଉଦ୍ୟାନସ୍ଥିତ ରୋପ୍‌ୱେଠାରେ ପାନୀୟ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଗ୍ରୀଷ୍ମ ସମୟରେ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଏହାକୁ ଦୃଷ୍ଟିରେ ରଖି ଲାୟନ୍ସ କ୍ଲବ ଅଫ ହୀରାକୁଦ ରୟାଲ୍ସ ଓ ଅଶୋକ ଜଲାନ ଫାଉଣ୍ଡେଶନର ମିଳିତ ସହଯୋଗରେ ପ୍ରକଳ୍ପ ସ୍ଥାପନ କରାଯାଇଛି। ଫାଉଣ୍ଡେଶନ ମୁଖ୍ୟ ଇଞ୍ଜିନିୟର ଅଶୋକ ଜଲାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି ଓ ଲାୟନ୍ସ ଜୋନ ସଭାପତି ଅରୁଣ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କ୍ଲବ୍ ସଭାପତି କାର୍ତ୍ତିକ କାଲୋ ସଂଯୋଜନା କରିଥିଲେ। କ୍ଲବ ସମ୍ପାଦକ ଅଶୋକ ପଟ୍ଟନାୟକ, ପୂର୍ବତନ କ୍ଲବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର ଓ ବିକାଶ ଅଗ୍ରୱାଲ, କୋଷାଧକ୍ଷ ବିଳାସିନୀ ନାୟକ, ଉତ୍ତମ କାଞ୍ଜିଆ, ସମ୍ବଲପୁର ମହାନଗର ନିଗମର ମନୋରଞ୍ଜନ ତ୍ରିପାଠୀ, ରୋପ୍‌ୱେ କର୍ମଚାରୀ ବାପୀ ଗୁଇନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।



ଅତିଥିମାନେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

# ମୋବାଇଲ ଟାୱାର ଦାବିରେ ଏନ୍‌ଏଚ୍ ଅବରୋଧ

**ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ**

ଦେବଗଡ,୧।୬(ଡି.ଏନ.ଏ.)

ମୋବାଇଲ ଟାୱାର ଦାବିରେ ଦେବଗଡ଼ ଲଇମୁରା ଅଞ୍ଚଳ ବିକାଶ ଯୁବ ମଞ୍ଚ ପକ୍ଷରୁ ବୁଧବାର ସକାଳ ୬ଟାରେ ସମ୍ବଲପୁର-ଦେବଗଡ ୪୯ ନଂ. ଜାତୀୟ ରାଜପଥର କେଳାସ ଛକରେ ରାସ୍ତାରୋକୋ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ପ୍ରଥମେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରତିନିଧି ଦଳ ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ବିଫଳ ହୋଇଥିଲା। ପରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଦେବଗଡ ଥାନା ଆଇଆଇସି ସୁରେନ୍ଦ୍ର ନାୟକ ସେମାନଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଅଞ୍ଚଳବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ତେବେ ଏକ ମାସ ଭିତରେ ଟାୱାର କାର୍ଯ୍ୟକ୍ଷମ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟା ବେଳେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ମୋବାଇଲ ନେଟୱର୍କ ଅପହଞ୍ଚ ଯୋଗୁ ତିଲେଇବଣି ବ୍ଲକର ଝରାଗୋଗୁଆ,ପାରପୋଷି, ଗଣ୍ଡମ, ଝାରମୁଣ୍ଡା ଓ ଡିମିରିକୁଦା ଗ୍ରାମପଞ୍ଚାୟତର ଜନସାଧାରଣ ଗତ ପଞ୍ଚାୟତ ନିର୍ବାଚନ ବର୍ଜନ ପାଇଁ ସମୂହ ନିଷ୍ପତି ନେଇଥିଲେ। ମାତ୍ର ଅଳ୍ପଦିନ ମଧ୍ୟରେ ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ମୋବାଇଲ ଟାୱାର ନିର୍ମାଣ କରାଯାଇ ନେଟୱର୍କ ସମସ୍ୟାର ସମାଧାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଅଞ୍ଚଳବାସୀ ଏକଥାକୁ ବିଶ୍ୱାସ ନ କରି ନିଜ ଜିଦ୍‌ରେ ଅଟଳ ରହିବାରୁ ଜିଲା, ବ୍ଲକ ଓ ପୋଲିସ ପ୍ରଶାସନ ପକ୍ଷରୁ ବୈଠକ କରି ଲୋକଙ୍କୁ ବୁଝାଶୁଝା କରାଯାଇଥିଲା। ଏପରିକି ଲୋକେ ନ ବୁଝିବାରୁ ଝରାଗୋଗୁଆ ଗ୍ରାମରେ ଏକ ଘରୋଇ କମ୍ପାନୀର ମୋବାଇଲ ଟାୱାର ନିର୍ମାଣ କାମ ଆରମ୍ଭ ହୋଇଥିଲା। ଫଳରେ ଅଞ୍ଚଳବାସୀ ପୂର୍ବ ନିଷ୍ପତ୍ତିରୁ ଓହରିଯିବା ସହ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଇତିମଧ୍ୟରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ଏହି ପ୍ରତିଶ୍ରୁତି ପାଳନ କରିନାହିଁ। ସେହିପରି ଝରାଗୋଗୁଆ ଗ୍ରାମରେ ନିର୍ମାଣାଧୀନ ଟାୱାର ନିର୍ମାଣ କର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ।



ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଢାବା କର୍ମଚାରୀ ମୃତ

**କୁଆଁରମୁଣ୍ଡା,୧୬(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଆରଟିଓ ଅଫିସ ଫିଟନେସ୍ କ୍ୟାମ୍ପସ ନିକଟରେ ଏକ ଗାଡି ଧକ୍କାରେ ଗୁରୁତର ହୋଇ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବା ଢାବା କର୍ମଚାରୀ ଭିକୁ ନାଏକ (୪୫)ଙ୍କ ବୁଧବାର ମୃତ୍ୟୁ ଘଟିଛି। ଭିକୁଙ୍କ ନିଜ ଘର ଢେଙ୍କାନାଳ ଜିଲା ବାଲ୍ଗୀ ଗ୍ରାମରେ ହୋଇଥିବା ବେଳେ ତାଙ୍କର ପରିବାର ଲୋକେ ଆସିଲା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି । ପୋଲିସ ସୂଚନା ଅନୁସାରେ, ମଙ୍ଗଳବାର ରାତିରେ ଫିଟନେସ୍ କ୍ୟାମ୍ପସ ନିକଟସ୍ଥ ଢାବାରୁ କାମ ସାରି ଭିକୁ ନିଜ ଭଡା ଘରକୁ ଚାଲି ଚାଲି ଫେରୁଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଢାବା ମାଲିକ ତାଙ୍କୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ରାଉରକେଲା ସରକାରୀ ଡାକ୍ତରଖାନା ନେଇଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା ।

### ଦମ୍ପତିଙ୍କୁ ଠେଙ୍ଗାରେ ଆକ୍ରମଣ: ପୁଅ ଗିରଫ

**ରାଉରକେଲା ଅଫିସ,୧୬:** ଏକ ଦମ୍ପତିଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ଅଭିଯୋଗରେ ସେକ୍ଟର-୭ ପୋଲିସ ଉକ୍ତ ଦମ୍ପତିଙ୍କ ପୁଅଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୁଦ୍ଧିଆ ବାରିକ(୨୪) ଓରଫ ମୁନା। ପୋଲିସ ସୂଚନା ଅନୁସାରେ, ସେକ୍ଟର-୭ ରାଜୀବ ବସ୍ତିର ବଳରାମ ବାରିକ ଓ ଶ୍ରାବଣୀ ବାରିକଙ୍କ ପୁଅ ହେଉଛନ୍ତି ବୁଦ୍ଧିଆ। ମଙ୍ଗଳବାର ସନ୍ଧ୍ୟାରେ ସେ ବଳରାମଙ୍କୁ ହଜାରେ ଟଙ୍କା ମାଗିଥିଲେ। ଏତେ ଟଙ୍କା କଣ କରିବୁ ବୋଲି ବଳରାମ ପଚାରିବାରୁ ବୁଦ୍ଧିଆ ରାଗିଯାଇ ତାଙ୍କ ସହ ଝଗଡା କରିଥିଲେ। ଏହାକୁ ଶ୍ରାବଣୀ ବିରୋଧ କରିବାକୁ ବୁଦ୍ଧିଆ ଏକ ଠେଙ୍ଗାରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୬୯।୨୨) ରୁଜୁ କରି ଅଭିଯୁକ୍ତ ବୁଦ୍ଧିଆଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି।

### ସାପ କାମୁଡାରେ ଯୁବତୀ ମୃତ

**କୁତ୍ରା,୧୬( ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ରଙ୍ଗାମାଟି ଗାଁର ଅଲିଭା ବୁଡ (୨୩)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି । ଘରେ ଶୋଇଥିବା ବେଳେ ବୁଧବାର ଭୋର ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଥିଲା । ପରିବାର ଲୋକେ ତାଙ୍କୁ କୁତ୍ରା ଡାକ୍ତରଖାନା ନେଇଥିଲେ । ତେବେ ସେଠାରେ ଅଲିଭାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଜମନକିରା,୧୬(ଡି.ଏନ.ଏ.):** ଜମନକିରା ବ୍ଲକ ସୁବର୍ଣ୍ଣପାଲି ପଞ୍ଚାୟତ ନିଜସ ଗ୍ରାମ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ବୁଧବାର ଆରମ୍ଭ ହୋଇଛି। ରତ୍ନମୁଦ ପରେ ସନ୍ଧ୍ୟାରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଗୁରୁବାର ନାମ ଯଜ୍ଞ ଓ ଶୁକ୍ରବାର ପୂର୍ଣ୍ଣାହୁତି ସମ୍ପନ୍ନ ହେବ। ରତ୍ନମୁଦ ସମୟରେ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ନିଜସ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୁର୍ଗାପାଲି ଗୁଡ଼େଶ୍ୱର ବାବାଙ୍କ ନିର୍ବନ୍ଧ ସମ୍ପନ୍ନ

**ସମ୍ବଲପୁର,୧୬(ବ୍ୟୁରୋ)**

ଶୀତଳଷଷ୍ଠୀ ଯାତ୍ରା ଲାଗି ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦୁର୍ଗାପାଲିର ଶ୍ରୀ ଶ୍ରୀ ଗୁଡ଼େଶ୍ୱର ବାବାଙ୍କ ମଙ୍ଗଳବାର ରାତିରେ ନିର୍ବନ୍ଧ (ପତରପେଣ୍ଡି) ସମ୍ପନ୍ନ ହୋଇଛି । ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ଓ ସମୀର ଶତପଥୀ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ବରପିତା ହେମନ୍ତ କୁମାର ମହାପାତ୍ର ସପ୍ତରଷି ଗୌରୀଶଙ୍କର ଦାଶ, ଦୀନଦୟାଲ ଅଗ୍ରୱାଲ, ହରିଶ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ପ୍ରଦୀପ ତୁଲସ୍ୟାନ, ଆର୍ତ୍ତ ମହାପାତ୍ର, କମଳ ସୋନୀଙ୍କ ଗହଣରେ ଶଙ୍ଖ, ଘଣ୍ଟ, ଡମ୍ବରୁ ଓ ବାଦ୍ୟ ସହିତ କନ୍ୟା ସନ୍ଧାନରେ ଯାଇ କ୍ଷେତରାଜପୁର



ଗୁଡେଶ୍ୱର ବାବାଙ୍କ ପତରପେଣ୍ଡି କାର୍ଯ୍ୟକ୍ରମ

ତିୱାରୀ ଗଳିର ସୀତାରାମ ଅଗ୍ରୱାଲ (ବଡ଼ମାଲ୍‌ୱାଲା)ଙ୍କ ବାସଭବନରେ ପହଞ୍ଚିଥିଲେ। ସେଠାରେ ଅଗ୍ରୱାଲଙ୍କ ପରିବାର ବର୍ଗ ଅତିଥିଙ୍କୁ ସ୍ୱାଗତ ଜଣାଇ ଘରକୁ ପାଛୋଟି ନେଇଥିଲେ। ବରପକ୍ଷ ତାଙ୍କ ଘରକୁ କନ୍ୟା ସନ୍ଧାନରେ ଆସିଥିବା ସୂଚନା ଦେବା ପରେ ଉଭୟ ପକ୍ଷ ମଧ୍ୟରେ କଥୋପକଥନ ହୋଇଥିଲା। ଶେଷରେ ସୀତାରାମ ଅଗ୍ରୱାଲ ଗୁଡେଶ୍ୱର ବାବାଙ୍କୁ କନ୍ୟାଦାନ କରିବାକୁ ରାଜି ହୋଇଥିଲେ। ଏହାପରେ ଶାଳପତ୍ର, ନାରିକେଳ ଓ ବେଲପତ୍ର ଆଦାନପ୍ରଦାନ ପୂର୍ବକ ନିର୍ବନ୍ଧ ସମ୍ପନ୍ନ ହୋଇଥିଲା। ମନ୍ଦିର ପୂଜକ ରାଜକିଶୋର ମହାପାତ୍ର, ରାଜେନ୍ଦ୍ର ହୋତା, ସତ୍ୟ ମେହେର, ମନୋଜ ଉପାଧ୍ୟାୟ, କେଶବ ନାଏକ, ଚକ୍ର ମେହେର ପ୍ରମୁଖଙ୍କ ସମେତ ଦୁର୍ଗାପାଲି ଓ କ୍ଷେତରାଜପୁର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଇଭିଏମ୍‌ରେ ବନ୍ଦ ୧୧ ପ୍ରାର୍ଥୀଙ୍କ ଭାଗ୍ୟ



ଏସ୍‌ପି ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୧୬**

ବ୍ରଜରାଜନଗର ଉପନିର୍ବାଚନ ମଙ୍ଗଳବାର ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ମତଦାନ ଶେଷ ହେବା ପରେ କଡା ସୁରକ୍ଷା ମଧ୍ୟରେ ଇଭିଏମ୍ ଅଣାଯାଇ ଝାରସୁଗୁଡା ଇଞ୍ଜିନିୟରିଂ ସ୍କୁଲ୍ ପରିସରରେ ଥିବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ଷ୍ଟ୍ରଙ୍ଗରୁମ୍‌କୁ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବାହିନୀ ଜଗିରହିଛନ୍ତି। ଏସ୍‌ପି ରାହୁଲ ଜୈନ ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରି ଏହାର ତଦାରଖ କରୁଛନ୍ତି। ଉପନିର୍ବାଚନରେ ସମୁଦାୟ ୧୧ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ଏମାନଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ବନ୍ଦ ହୋଇରହିଛି। ଆସନ୍ତା ୩ତାରିଖରେ ଭୋଟ ଗଣତି ହେବା ପରେ ହାତୀ କାହାମୁଣ୍ଡରେ ସୁନା କଳସ ଢାଳିବ ତାହା ଜଣାପଡିବ। ପ୍ରାର୍ଥୀଙ୍କ ହାରଜିତକୁ ନେଇ ରାଜନୈତିକ ସମୀକ୍ଷକ ଓ ସାଧାରଣ ଭୋଟରଙ୍କ ମଧ୍ୟରେ ଚର୍ଚ୍ଚା ଜୋରଧରିଛି।

# ପ୍ରେମିକ ପାଇଁ ପ୍ରେମିକା କାଟିଲେ ହାତ

## ଗୁରୁତର ଅବସ୍ଥାରେ ଆରଜିଏଚ୍‌ରେ ଭର୍ତ୍ତି

**ରାଉରକେଲା ଅଫିସ,୧୬**

ପ୍ରେମିକଙ୍କୁ ପାଇବା ପାଇଁ ପ୍ରେମିକା କାଟିଲେ ହାତ। ଗୁରୁତର ଅବସ୍ଥାରେ ତାଙ୍କୁ ପୋଲିସ ଉଦ୍ଧାର କରିବା ପରେ ଆପୋସ ବୁଝାମଣାରେ ସମସ୍ୟାର ସମାଧାନ କରିଛି । ଏଭଳି ଘଟଣା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ରାଉରକେଲା ରେଳ ଷ୍ଟେଶନ ପାଖରେ ଥିବା ଶଙ୍କଟ ମୋଚନ ମନ୍ଦିର ସମ୍ମୁଖରେ ଘଟିଛି।

ପୋଲିସ ସୂଚନା ଅନୁସାରେ, ଉତ୍ତର ପ୍ରଦେଶ ଫୁକରି ଜିଲା ତାସକୋଟ ଗ୍ରାମର ପ୍ରତୀକ ସିଂ ଉକ୍ତ ଗ୍ରାମର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ପ୍ରତୀକ ଗତ ୬ ମାସ ତଳେ ରାଉରକେଲା ଆସି କୁଲୁଙ୍ଗା ଅଞ୍ଚଳରେ ଥିବା ଏକ ସ୍ପଞ୍ଜ ଆଇରନ କାରଖାନାରେ ଚାକିରି କରିଥିଲେ। ପ୍ରତୀକ କାମ କରୁଥିବାବେଳେ ପ୍ରେମିକାଙ୍କ ସହ ଫୋନରେ କଥାବାର୍ତ୍ତା ହୁଅନ୍ତି। ଗତ ଦୁଇଦିନ ତଳେ ଯୁବତୀ ଜଣଙ୍କ ବାରମ୍ବାର ତାଙ୍କ ପ୍ରେମିକଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଫଳରେ ଯୁବତୀ ଜଣଙ୍କ ଟ୍ରେନ ଯୋଗେ ଆସି ବୁଧବାର ରାଉରକେଲାରେ ପହଞ୍ଚିଥିଲେ ଏବଂ ପ୍ରତୀକଙ୍କୁ ଫୋନ କରି ରାଉରକେଲା ରେଳ ଷ୍ଟେଶନରେ ତାଙ୍କର ଅପେକ୍ଷା କରିଥିବା କରିଥିଲେ। ପ୍ରତୀକ ଷ୍ଟେଶନରେ ପହଞ୍ଚି ଉକ୍ତ ଯୁବତୀଙ୍କୁ ବହୁ ବୁଝାସୁଝା କରିବା ସହ ନିଜ ଗାଁକୁ ଫେରିଯିବା ପାଇଁ ବାଧ୍ୟ କରିଥିଲେ। ମାତ୍ର ଯୁବତୀ ଜଣଙ୍କ ଗାଁକୁ ନ ଫେରିବା ସହ ତାଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଯୁବତୀ ଜଣଙ୍କ ରାଗିଯାଇ ପାଖରେ ଥିବା ଏକ ଛୁରିରେ ତାଙ୍କ ବାମ ହାତକୁ କାଟି ଦେଇଥିଲେ। ଖବର ପାଇ ପ୍ଲାଣ୍ଟସାଇଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବତୀଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ଘଟଣାର ତଦନ୍ତ ପରେ ଦୁହେଁ ପରସ୍ପରକୁ ଭଲ ପାଉଥିବା ସ୍ୱୀକାର କରିଥିଲେ। ଏହାପରେ ପୋଲିସ ଆପୋସ ବୁଝାମଣାରେ ପ୍ରେମୀ ଯୁଗଳଙ୍କୁ ଛାଡି ଦେଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଜେୟୁ କର୍ମକର୍ତ୍ତାଙ୍କ ଦାବିପତ୍ର

**ସମ୍ବଲପୁର,୧୬ (ବ୍ୟୁରୋ)**

ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲା ଶାଖା କାର୍ଯ୍ୟକାରିଣୀ କମିଟି ବୈଠକରେ ଗୃହୀତ ପ୍ରସ୍ତାବଗୁଡିକ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ଶାଖା ସଭାପତି ହିମାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ଖବରଦାତାମାନେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। ଗତ ୩୦ ତାରିଖରେ ଅନୁଷ୍ଠିତ ବୈଠକରେ ଖବଦାତାଙ୍କ ସ୍ୱାସ୍ଥ୍ୟବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଆଗାମୀ ବିଧାନସଭା ଅଧିବେଶନରେ ସାମ୍ବାଦିକ ସୁରକ୍ଷା ଆଇନ ବିଲ ଆଗତ, ୬୦ ବର୍ଷରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କୁ ପେନସନ୍ ବୀମାଭୁକ୍ତ କରିବା, ସାମ୍ବାଦିକ ଆବାସ ଯୋଜନା ପ୍ରଣୟନ କରିବା ଆଦି ଦାବି କରାଯାଇଥା। ଦାବିପତ୍ର ପ୍ରଦାନ ସମୟରେ ସଭାପତି ମିଶ୍ର, ସାଧାରଣ ସମ୍ପାଦକ ସରୋଜ ସାହୁ, ରାଜ୍ୟ ଉପସଭାପତି ସୁଶାନ୍ତ ମହାପାତ୍ର, ସାଧବ ପ୍ରଧାନ, ସୁଧାଂଶୁ ମହାରଣା, ବାଦଶାହା ଜୁସମନ୍ ରାଣା, ଅଜୟ ନାଥ, ନବୀନ ଦାଶ, ହରି ଶଙ୍କର ମିଶ୍ର, ଜ୍ୟୋତିଷ ମହାନ୍ତି, ସୁବ୍ରତ ପାଢ଼ୀ, ଦେବାଶିଷ ବେହେରା, ଜିତୁ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ବୈଠକ

## ଜେଏସଡବ୍ଲ୍ୟୁ କାରଖାନା ପକ୍ଷରୁ ଜମି ଅଧିଗ୍ରହଣ

■ ପ୍ରବଳ ବିରୋଧ କରିବା ପାଇଁ ଗ୍ରାମବାସୀଙ୍କ ଆହ୍ୱାନ

**କୁତ୍ରା,୧୬(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଣ୍ଡେଇମୁଣ୍ଡାସ୍ଥିତ ଜେଏସଡବ୍ଲ୍ୟୁ କାରଖାନାର ଏକ ଚୂନପଥର ଖଣି ଖତକୁରବାହାଲ ଗ୍ରାମରେ ରହିଛି। ଏହି ଖଣିକୁ ଅଧିକ ସମ୍ପ୍ରସାରଣ କରିବା ପାଇଁ ଆସନ୍ତା ୬ ତାରିଖ ଦିନ ଜମି ଅଧିଗ୍ରହଣ ନିମନ୍ତେ ପ୍ରଶାସନ ପକ୍ଷରୁ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଖତକୁରବାହାଲ ଗ୍ରାମରେ ୨୨୬.୦୮ଏକର ଓ ଫଲସାକାନି ଗ୍ରାମରେ ୨୪୮.୮୮ ଏକର ଜମି ଅଧିଗ୍ରହଣ ପାଇଁ ସୂଚନା ମିଳିଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଖତକୁରବାହାଲ ଗ୍ରାମ ପଞ୍ଚାୟତର ଗ୍ରାମବାସୀଙ୍କୁ ନେଇ କୁତ୍ରା ବ୍ଲକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଏଡିଏମ ଶିବକୁମାର ଟପ୍ପୋ, ଉପଜିଲାପାଳ ଅଭିମନ୍ୟୁ ବେହେରା, ସ୍ଥାନୀୟ ତହସିଲଦାର ରବିନ୍ଦ୍ର କୁମାର ସେଠୀ, କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଉପସ୍ଥିତ ଥିଲେ। ବୈଠକରେ ଜମି ଅଧିଗ୍ରହଣ ପାଇଁ ଏସଆଇଏସ ରିପୋର୍ଟ ବିଷୟରେ ଆଲୋଚନା ହୋଇଥିଲା। ତେବେ ଏହି ବୈଠକରେ ଉପସ୍ଥିତ ଖତକୁରବାହାଲ ଗ୍ରାମ ପଞ୍ଚାୟତର ପ୍ରଭାବିତ ହେବାକୁ ଥିବା ଲୋକେ ଜଣଶୁଣାଣିକୁ ପ୍ରବଳ ବିରୋଧ କରିବେ ବୋଲି ରୋକଠୋକ ଶୁଣାଇଛନ୍ତି। କୌଣସି ପରିସ୍ଥିତିରେ ଏହି ଜନଶୁଣାଣିକୁ ସଫଳ କରିବା ପାଇଁ ଦେବେନି ବୋଲି ପ୍ରଶାସନ ଆଗରେ ନିଜର ମତାମତ ରଖିଥିଲେ। ଏପରି କି ଏସଆଇଏସ ରିପୋର୍ଟରେ ସମ୍ପୂର୍ଣ୍ଣ ଭୁଲ ତଥ୍ୟ ଅଛି, ତେଣୁ ଏହାକୁ ଆମେ ଗ୍ରହଣ କରିବୁ ନାହିଁ ବୋଲି କହିଥିଲେ। ପ୍ରଥମେ ଏସଆଇଏସ ରିପୋର୍ଟରେ ଭୁଲ ଥିବା ତଥ୍ୟଗୁଡିକୁ ସୁଧାରିବା ପରେ ଜଣଶୁଣାଣି ଅନୁଷ୍ଠିତ ହେଉ । ନ ସୁଧାରିବା ପର୍ଯ୍ୟନ୍ତ ଜନଶୁଣାଣି ନ କରିବାକୁ ଦାବି କରିଛନ୍ତି। ଏହାଛଡା ଖତକୁରବାହାଲ ଗ୍ରାମରେ ଖଣି ପାଇଁ ଯେପରି କୌଣସି ଅସୁବିଧା ନ ହୁଏ ତାହା ଲିଖିତ ଆକାରରେ କମ୍ପାନୀ ଓ ପ୍ରଶାସନ ଦେବା ପାଇଁ ମଧ ଦାବି କରିଛନ୍ତି । ନଚେତ୍ କୌଣସି ପରିସ୍ଥିତିରେ ଜନଶୁଣାଣି କରିବା ପାଇଁ ଦେବେ ନାହିଁ ବୋଲ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ବୈଠକରେ ଯୋଗ ଦେଇଥିବା ଗ୍ରାମବାସୀ ଓ ପ୍ରଶାସନିକ ଅଧିକାରୀ ।

# ସାଇବର ଠକେଇ ଅଭିଯୋଗ: ୩ ଗିରଫ

## ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଜବତ

**ରାଉରକେଲା ଅଫିସ,୧୬**

ସାଇବର ଠକେଇ ଅଭିଯୋଗରେ ରାଉରକେଲା ସାଇବର ପୋଲିସ ବୁଧବାର ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାନସ ରଞ୍ଜନ ଖୁଣ୍ଟିଆ(୩୦), ଶୁଶାନ୍ତ କୁମାର ବାରିକ(୩୩) ଓ ଶିବ କୁମାର ଝା(୩୨)। ପୋଲିସ ସେମାନଙ୍କଠାରୁ ୧ଲକ୍ଷ ୫ ହଜାର ୪୦ ଟଙ୍କା, ୬ଟି ସୁନା ମୁଦି, ଗୋଟିଏ ହଳ ସୁନା କାନଫୁଲ, ଗୋଟିଏ ସୁନା ଚେନ୍, ଗୋଟିଏ ସୁନାର ରକେଟ୍, ରୂପାର ବ୍ରେସ୍‌ଲେଟ୍, ବ୍ୟାଙ୍କ ପାସ୍‌ବୁକ୍, ଆଧାରକାର୍ଡ ସହ ଏଟିଏମ୍ ଓ ପେଟିଏମ୍ କାର୍ଡ, ୩ଟି ମୋବାଇଲ ଫୋନ୍‌କୁ ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁସାରେ, ସିଭିଲ ଟାଉନ୍‌ସିପ୍ ଘର ନଂ ୟୁ-୧୦ରେ ରହୁଥିବା ଡକ୍ଟର ଅଜିତ ସିଂହ(୫୯)ଙ୍କ ପାନପୋଷ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ଏକ କରେଣ୍ଟ ଆକାଉଣ୍ଟ ରହିଛି। ଉକ୍ତ ଆକାଉଣ୍ଟରୁ ଗତ ମେ ୧୫ ତାରିଖରେ ୧ଲକ୍ଷ ୯୦ ହଜାର ଟଙ୍କା ଉଠାଯାଇଥିବା ତାଙ୍କ ମୋବାଇଲକୁ ମେସେଜ ଆସିଥିଲା ଓ ୧୬ ତାରିଖରେ ପୁଣି ସେହି ଟଙ୍କା ତାଙ୍କ ଆକାଉଣ୍ଟକୁ ଫେରସ୍ତ ଆସିଥିଲା। ଏ ନେଇ ଅଜିତ ପାନପୋଷ ଏଚ୍‌ଡିଏଫ୍‌ସି ଶାଖା କାର୍ଯ୍ୟାଳୟକୁ ଯାଇ ନିଜର ପାସ୍‌ବୁକ୍‌କୁ ଅପଡେଟ୍ କରିବା ପରେ ଜାଣିବାକୁ ପାଇଲେ ଯେ, ଏହି ଆକାଉଣ୍ଟରେ ତା୨୬।୯।୨୦୧୯ରିଖରୁ ତା୧୫।୫।୨୨ରିଖ ପର୍ଯ୍ୟନ୍ତ ସମୁଦାୟ ୪୧ଲକ୍ଷ ୨୫ ହଜାର ଟଙ୍କାର କାରବାର ହୋଇଛି। ତାଙ୍କ ଆକାଉଣ୍ଟରେ ଏଭଳି ବେଆଇନ କାରବାର ହେଉଥିବା ନେଇ ସେ ମେ ୨୬ ତାରିଖରେ ଉଦିତନଗର ସ୍ଥିତ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ପୋଲିସ ଏକ ମାମଲା (ନଂ.୧୦।୨୨) ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ସ୍ତ୍ରୀଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା,୧୬(ଡି.ଏନ.ଏ.)**

ବିବାହ ମାତ୍ର ୨ ବର୍ଷ ହେଲା ହୋଇଥିଲା। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଥିଲା ନିବିଡ ଭଲ ପାଇବା। ହେଲେ ବିଧିର ବିଧାନ ଅଲଗା। ହୃଦ୍‌ଘାତରେ ସ୍ୱାମୀଙ୍କ ମୃତ୍ୟୁ ଘଟିଲା। ଫଳରେ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ସରେବେରଣୀ ବସ୍ତିରେ। ଏହି ବସ୍ତିରେ ରହୁଥିବା ଶ୍ରୁତି ସିଂ(୩୦) ଗତ କିଛି ଦିନ ହେଲା ନିଜ ବାପଘରକୁ ବୁଲି ଆସିଥିଲେ। ସେ ରାଉରକେଲାରେ ବିବାହ କରିଥିଲେ। ବୁଧବାର ସ୍ୱାମୀଙ୍କର ହୃଦ୍‌ଘାତରେ ମୃତ୍ୟୁ ହେବା ଖବର ଶୁଣି ସେ ମ୍ରିୟମାଣ ହୋଇ ପଡିଥିଲେ। ତାଙ୍କ ବାପା ଭୁବନେଶ୍ୱରରେ ରହୁଥିବା ନିଜ ପୁଅବୋହୁଙ୍କ ପାଖକୁ ଯାଇଥିଲେ। ବାପଘରେ ଏକୁଟିଆ ଥିବା ଶ୍ରୁତି ବେକରେ ଓଢଣୀ ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ । ପାଖ ପଡୋଶୀ ଶବ୍ଦ ଶୁଣି ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରି କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବାଗାରରେ ରଖିଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି । ଏହି ଦମ୍ପତିଙ୍କର କୌଣସି ସନ୍ତାନ ନ ଥିବା ଜଣାଯାଇଛି ।

# ଗୌରବଙ୍କୁ ସମ୍ବର୍ଦ୍ଧିତ କଲା ବିଜେଡି

**ସୁନ୍ଦରଗଡ,୧୬ (ଡି.ଏନ୍.ଏ.)**

ସିଭିଲ ସର୍ଭିସ ପରୀକ୍ଷାରେ ୮୬ତମ ର୍‍ୟାଙ୍କ ରଖି ସଫଳତା ହାସଲ କରିଥିବା ସୁନ୍ଦରଗଡର ଗୌରବ ଅଗ୍ରୱାଲାଙ୍କୁ ବୁଧବାର ସୁନ୍ଦରଗଡ ବିଜୁ ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମଙ୍ଗଳା କିଷାନ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ସିଭିଲ ସର୍ଭିସ ପରୀକ୍ଷାରେ ଗୌରବ ସଫଳତା ଲାଭ କରି ସୁନ୍ଦରଗଡ ପାଇଁ ଗୌରବ ଆଣିଛନ୍ତି ବୋଲି କିଷାନ କହିଥିଲେ । ଆଗାମୀ ଦିନରେ ସେ ସୁନ୍ଦରଗଡର ଉନ୍ନତି ପ୍ରତି ଧ୍ୟାନ ଦେବେ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ପ୍ରତିନିଧି ଦଳରେ ବିଜେଡି ନେତା ଜୟ ନାରାୟଣ ତ୍ରିପାଠୀ, ଜିଲା ସଂପାଦକ ଗୋପ ମହାନ୍ତି , କୌଶିକ ପଟେଲ,ଏମଡି ସାନୁନଲ୍ଲା, ଅଶୋକ ରାଉତରାୟ, ଜ୍ଞାନ ଠାକୁର,ଏମ୍‌ଡି ଫୈଜଲଙ୍କ ସହିତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।



ସିଭିଲ ସର୍ଭିସ ପରୀକ୍ଷାରେ ସଫଳତା ହାସଲ କରିଥିବା ସୁନ୍ଦରଗଡର ଗୌରବ ଅଗ୍ରଓାଲଙ୍କୁ ପୂର୍ବତନ ବିଧାୟକ ମଙ୍ଗଳା କିଷାନ ସମ୍ବର୍ଦ୍ଧିତ କରୁଛନ୍ତି ।

# ‘ତୁମେ ହିଁ ମୋର ପ୍ରେମ ଏଟିଏମ୍’

## ଭିନ୍ନ ସ୍ୱାଦର ଓଡ଼ିଆ ଚଳଚ୍ଚିତ୍ର

**ସୁନ୍ଦରଗଡ଼,୧୬(ଡି.ଏନ୍.ଏ.)**

ଗତ ୨୭ ତାରିଖରେ ରାଜ୍ୟର ୨୬ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି ଏକ ଭିନ୍ନସ୍ୱାଦର ଓଡିଆ ଚଳଚିତ୍ର ପ୍ରେମ ଏଟିଏମ୍ । ଏହି ଚଳଚ୍ଚିତ୍ରରେ ରହିଛି ନିଚ୍ଛକ ଦାମ୍ପତ୍ୟ ଜୀବନର ଚିତ୍ର । ବର୍ତ୍ତମାନ ସମୟରେ ଅଧିକାଂଶ ଯୁବକ ସହଜରେ ବିପୁଳ ଅର୍ଥଲାଭ କରିବାର ମୋହ ପାଇଁ ନୀତି ନୈତିକତାକୁ ବାଜି ଲଗାଇବାକୁ ପଛାନ୍ତି ନାହିଁ । ସେମାନଙ୍କର ଭୋଗବାଦର ସ୍ୱପ୍ନିଳ ଜଗତରେ ତୁଚ୍ଛ ହୋଇଯାଏ ଆମ ଭାରତୀୟ ପାରିବାରିକ ଜୀବନର ବନ୍ଧନ । ପବିତ୍ର ବିବାହ ପ୍ରଥାର ସଶକ୍ତ ଦାମ୍ପତ୍ୟ ଜୀବନ ସେମାନଙ୍କ ପାଇଁ ପାଲଟେ ବାଲିଘର । ଏକ ଭିନ୍ନସ୍ୱାଦର ଓଡିଆତ୍ୱର ଅନୁଭବକୁ ଏଥିରୁ ସାଉଁଟି ପାରିବେ ଦର୍ଶକ । ଏହି ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଅଭିନୟ କରୁଛନ୍ତି ସୁନ୍ଦରଗଡ ଟାଉନର ପ୍ରଦୀପ ଦତ୍ତ । ସେ ଓଡିଆ ଚଳଚିତ୍ର ପାଇଁ ନୂଆମୁହଁ ନୁହନ୍ତି ,ପୂର୍ବରୁ ମଧ ଓଡିଆ ଚଳଚିତ୍ର ‘କିଏ ଦେବ ଟକ୍କର’, ‘ବୋବାଲ ଟୋକା’ରେ ଅଭିନୟ କରି ପାଇଛନ୍ତି ଅନେକ ପ୍ରଶଂସା । ମାରୁତି ମୁଭି ବ୍ୟାନରରେ ନିର୍ମିତ ସୁରେନ୍ଦ୍ର ନାରାୟଣ ପ୍ରଧାନ (ପୁଲିଆ) ଓ ନବନୀତା ମିଶ୍ରଙ୍କ ପ୍ରଯୋଜନାରେ ଏକ ବଳିଷ୍ଠ କାହାଣୀ ଭିତ୍ତିକ ପ୍ରେମ ଏଟିଏମ୍ ଚଳଚ୍ଚିତ୍ରର କାହାଣୀ ରଚନା କରିବା ସହିତ ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ମୋହନ ସାହୁ । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର । ଏହାର ସଂଳାପ ଲେଖକ ଓ ଗୀତିକାର ଭାବେ ଡ. ନିର୍ମଳ ନାୟକ ରହିଥିବା ବେଳେ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର,ମଣ୍ଟୁ ଛୁରିଆ ,ଦିପ୍ତୀରେଖା ପାଢୀ, ଅମରିତା ନାୟକ , ସ୍ୱୟମ୍ ପାଢୀ, ସରୋଜ ଓ ତାରିକ ଅଜିଜ୍‌ଙ୍କ ଯାଦୁକରୀ ସ୍ୱରର ମଧୁର ମୂର୍ଚ୍ଛନା ଦର୍ଶକଙ୍କୁ ବେଶ ବାନ୍ଧି ରଖିପାରିଛି । ଚଳଚିତ୍ରର ନାୟକ ପ୍ରଦୀପ ଦତ୍ତ ,ନାୟିକା ଦିବ୍ୟା ,ଲିପିକା, ପ୍ରଦ୍ୟୁମ୍ନ ଲେଙ୍କା, ପୃଥିରାଜ ନାୟକ , ସ୍ନିଗ୍ଧା ମହାନ୍ତି ,ବୀଣା ମହାରଣା, ନୀର, ଗୁଡ୍ଡୁ , ପ୍ରଜ୍ଞା, ଅନନ୍ତ ମିଶ୍ର ,ବିନାୟକ ମିଶ୍ର ଆଦି କଳାକାରମାନେ ନିଖୁଣ ଭାବେ ନିଜର ଚରିତ୍ରରେ ଅଭିନୟ କରିଛନ୍ତି । ଏହି ଚଳଚ୍ଚିତ୍ରର କଥାବସ୍ତୁ ହେଲା ଏକ ମଧ୍ୟବିତ୍ତ ଓଡିଆ ପୂଜକ ଭିକାରୀ ପଣ୍ଡାଙ୍କ ପରିବାରର ପୁଅ ହେଉଛନ୍ତି ନାୟକ ପ୍ରେମ । ବି ଟେକ୍ ଶିକ୍ଷାପ୍ରାପ୍ତ ପ୍ରେମ ଚାକିରି ଖୋଜି ଖୋଜି ନିରାଶ ହୁଅନ୍ତି । ଭୋଗବାଦର ଆକର୍ଷଣରେ ସହଜରେ କୋଟିପତି ହେବାର ସ୍ୱପ୍ନକୁ ସାକାର କରିବା ପାଇଁ କୋଟିପତି ଶ୍ୱଶୁର ଖୋଜୁଥାନ୍ତି । ଦିନେ ନାୟିକା ପୂଜା ସହ ଦେଖା ହୋଇ ତାଙ୍କୁ ପ୍ରେମଜାଲରେ ଫସାଇ ବିବାହ କରନ୍ତି ପ୍ରେମ । ବିବାହ ପରେ ତାଙ୍କୁ ଏକ ସଂସ୍ଥାରେ ମିଳେ ନିଯୁକ୍ତି । କିନ୍ତୁ ନିଯୁକ୍ତି ମିଳିବା ପରେ ନାୟିକା ପୂଜା ଗରିବ ଘରର ଝିଅ ହୋଇଥିବାରୁ ସେ କମ୍ପାନୀର ଏମ୍‌ଡିଙ୍କ ନାତୁଣୀ ଅନୁରାଧାଙ୍କ ୨୦୦ କୋଟିର ସମ୍ପତ୍ତି ପାଇବା ଆଶାରେ ତାଙ୍କ ସହିତ ପ୍ରେମରେ ପଡନ୍ତି । ଅନୁରାଧା ତାଙ୍କୁ ବିବାହ କରିବା ପାଇଁ ବିବାହିତା ସ୍ତ୍ରୀଙ୍କୁ ଛାଡପତ୍ର ଦେବା ପାଇଁ ପ୍ରେମ ଉପରେ ଚାପ ପକାନ୍ତି । କିନ୍ତୁ ନାୟିକା ନିଜ ଶଙ୍ଖା ସିନ୍ଦୁର ଓ ଦାମ୍ପତ୍ୟ ଜୀବନର ମହତ୍ତ୍ୱ କିପରି ରକ୍ଷା ହୋଇପାରିବ ସେଥିପାଇଁ ଲାଗି ପଡିଛନ୍ତି । ନାୟିକା ପୂଜା ଓ ଅନୁରାଧାଙ୍କ ମଧ୍ୟରେ କିଏ ନାୟକ ପ୍ରେମଙ୍କ ପ୍ରେମ ଏଟିଏମ୍ ଏହି କଥାକୁ ନେଇ କାହାଣୀ ଗତିଶୀଳ ହୋଇଛି। ଦୁଇ ନାୟିକା ମଧ୍ୟରେ ଥିବା ଦ୍ୱନ୍ଦ୍ୱର ଅବସାନ ଘଟେ ଭାରତୀୟ ମର୍ଯ୍ୟାଦାପୂର୍ଣ୍ଣ ଦାମ୍ପତ୍ୟ ଜୀବନରେ ଥିବା ମହନୀୟତାର ବିଜୟରେ । ଶେଷରେ ନାୟକ ନିଜର ଭୁଲ୍ ବୁଝିପାରି ନାୟିକା ପୂଜାଙ୍କୁ କହିଛନ୍ତି, ‘ତୁମେ ହିଁ ମୋର ପ୍ରେମ ଏଟିଏମ୍’। ସାଂପ୍ରତିକ ଯୁବ ବର୍ଗଙ୍କୁ ଏହି ଚଳଚିତ୍ର ମାଧ୍ୟମରେ ଦିଆଯାଇଛି ସଚେତନତାର ବାର୍ତ୍ତା । ଓଡିଆଙ୍କ ପାଇଁ ଏହା ଏକ ରୁଚିସଂପନ୍ନ ଚଳଚ୍ଚିତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ବରିଷ୍ଠ କଳାକାରଙ୍କ ଜୀବନ୍ତ ଅଭିନୟ, ବଳିଷ୍ଠ କାହାଣୀ,ଉଚ୍ଚକୋଟୀର ସଂଳାପ,ମନଛୁଆଁ ସଂଗୀତ,ନାୟିକାଙ୍କ ପ୍ରାଣସ୍ପର୍ଶୀ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମନୋରଞ୍ଜନର ବେଶ ଖୋରାକ ଯୋଗାଇ ପାରିଛି ।





ଚଳଚ୍ଚିତ୍ରର ଦୁଇଟି ଦୃଶ୍ୟ ।

**କଫ ସିରପ୍ ଜବତ, ଜଣେ ଗିରଫ**

ଅତାବିରା/ସରଣ୍ଡା,(ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ଥାନା ପୋଲିସ କଫ ସିରପ୍ କାରବାରରେ ଜଣଙ୍କୁ ବୁଧବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାହାଡଶ୍ରୀଗିଡା ଗ୍ରାମର ପିଣ୍ଟୁ ଓରଫ ରମଣୀ ପ୍ରଧାନ(୩୭)। ତାଙ୍କ ପାଖରୁ ୨୯ ଲିଟର ଅପମିଶ୍ରିତ କଫ ସିରପ୍ ସହିତ ଏକ ସ୍କୁଟି, ମୋବାଇଲ, ନିଶା ବଟିକା ଆଦି ଜବତ ହୋଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବିଜୁ ସ୍ୱାସ୍ଥ୍ୟକାର୍ଡ ଥାଇ ରୋଗୀଙ୍କଠୁ ନେଲେ ଟଙ୍କା

## ହସ୍ତକ୍ଷେପ ପରେ ଫେରାଇଲା ଘରୋଇ ନର୍ସିଂହୋମ୍

ବରଗଡ଼ ଅଫିସ,୧।୬

ବିଜୁ ସ୍ୱାସ୍ଥ୍ୟକାର୍ଡ ଥାଇ ସୁଦ୍ଧା ଜଣେ ରୋଗୀଙ୍କଠାରୁ ଏକ ଘରୋଇ ନର୍ସିଂହୋମ୍ ଟଙ୍କା ନେଇଥିଲେ। ଏଥିରେ ସ୍ୱେଚ୍ଛାସେବୀମାନେ ହସ୍ତକ୍ଷେପ କରିବାରୁ ଉକ୍ତ ନର୍ସିଂହୋମ୍ କର୍ତ୍ତୃପକ୍ଷ ନେଇଥିବା ଟଙ୍କା ହିତାଧିକାରୀଙ୍କୁ ଫେରାଇଛନ୍ତି। ଏଭଳି ଏକ ଘଟଣା ଘଟିଛି ବରଗଡ଼ ସହରରେ। ବରଗଡ଼ ଜିଲା ସଦର ବ୍ଲକ ବିରମାଲ ଗ୍ରାମର ବଳିଷ୍ଠ ବେରିଆ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବୁଧବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନୁବନ୍ଧିତ ବରଗଡ଼ ସହରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ବଳିଷ୍ଠଙ୍କ ଭାଇ ହିରେନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରେ ଚିକିତ୍ସା କରିବା ପାଇଁ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ମାଗଣା ଚିକିତ୍ସା ପ୍ରଦାନ କରିବା ପରିବର୍ତ୍ତେ ତାଙ୍କଠାରୁ ପାଖାପାଖି ୪୭୦୦ ଟଙ୍କା ନର୍ସିଂହୋମ୍ କର୍ତ୍ତୃପକ୍ଷ ନେଇଥିଲେ। ବଳିଷ୍ଠଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଆଗକୁ ଦରକାର ଥିବା ପଇସା ଦେବାରେ ଅକ୍ଷମତା ପ୍ରକାଶ କରିଥିଲେ। ଏହି ଘଟଣାକୁ ଦୁଇଜଣ ସ୍ୱେଚ୍ଛାସେବୀ ସ୍ୱାସ୍ଥ୍ୟ ବିଭାଗର ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଠାରୁ ନିର୍ଦ୍ଦେଶ ଆସିବା ପରେ ବରଗଡ଼ ଜିଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସଂଯୋଜକ ସଞ୍ଜୀବ ପଟେଲ ଉକ୍ତ ଘରୋଇ ନର୍ସିଂହୋମକୁ ଯାଇ ସ୍ୱାସ୍ଥ୍ୟମିତ୍ରଙ୍କୁ ତାଗିଦ କରିଥିଲେ। ଏହାସହ ରୋଗୀ ଖର୍ଚ୍ଚ କରିଥିବା ସମସ୍ତ ଟଙ୍କା ଫେରସ୍ତ କରିବା ପାଇଁ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏହାପରେ ରୋଗୀଙ୍କୁ ଉକ୍ତ ଟଙ୍କା ଫେରସ୍ତ କରାଯାଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଘରୋଇ ନର୍ସିଂହୋମ୍‌ର ସ୍ୱାସ୍ଥ୍ୟମିତ୍ର ଅଜୟ ଭୋଇଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ରୋଗୀଙ୍କୁ ଭିମସାର, ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ତାଙ୍କଠାରୁ ନିଆଯାଇଥିବା ଟଙ୍କା ଫେରସ୍ତକୁ ସେ ସ୍ୱୀକାର କରିଥିଲେ।


ରୋଗୀଙ୍କ ସମ୍ପର୍କୀୟଙ୍କୁ ଟଙ୍କା ଫେରସ୍ତ କରାଯାଉଛି।

# ଅର୍ଥ ଲଗାଣକାରୀ ସଂସ୍ଥାରୁ ମିଳିଲାନି ଜମାଟଙ୍କା, ଚିକିତ୍ସା ଅଭାବରୁ ମୃତ୍ୟୁ

ବରଗଡ଼ ଅଫିସ,୧।୬

ଅର୍ଥ ଲଗାଣକାରୀ ସଂସ୍ଥାକୁ ଜମାଟଙ୍କା ପ୍ରଦାନ ପାଇଁ ବାରମ୍ବାର ନିବେଦନ ସତ୍ତ୍ୱେ ତାହା ମିଳିଲାନି। ଫଳରେ ଚିକିତ୍ସା ଅଭାବରୁ ଜଣେ ଜମାକାରୀଙ୍କ ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି। ତେବେ ଅର୍ଥ ଲଗାଣକାରୀ ସଂସ୍ଥା ଜମାଟଙ୍କା ଦେଉ ନ ଥିବା ନେଇ ମୃତକଙ୍କ ପରିବାର ଲୋକେ ପୂର୍ବରୁ ପୋଲିସକୁ ମଧ୍ୟ ଜଣାଇଥିଲେ। ମାତ୍ର ପୋଲିସ କିଛି ପଦକ୍ଷେପ ନେଇ ନ ଥିଲା ଏବଂ ଅର୍ଥାଭାବ ଯୋଗୁ ଆବଶ୍ୟକ ଚିକିତ୍ସା ନ ପାଇ ଜମାକାରୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ବୁଧବାର ବରଗଡ଼ ଟାଉନ ଥାନାରେ ମୃତଦେହ ରଖି ପରିବାର ଲୋକ ଧାରଣା ଦେଇଥିଲେ। ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ନଗଦ ୫୦ ହଜାର ଟଙ୍କା ଦେଇଥିଲେ ଏବଂ ଅବଶିଷ୍ଟ ୮୦ ହଜାର ଟଙ୍କା ୧୫ ଦିନ ମଧ୍ୟରେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହାର ହୋଇଥିଲା।


ପରିବାର ଲୋକେ ଥାନାରେ ମୃତଦେହ ରଖି ଧାରଣା ଦେଇଛନ୍ତି।

## ଥାନାରେ ମୃତଦେହ ରଖି ଧାରଣା

ପ୍ରକାଶ ଯେ, ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଖଲିଆପାଲି କେନାଲପଡାର ସୁନନ୍ଦ ବାଗ ଚାରି ବର୍ଷ ତଳେ ଏକ ଅର୍ଥ ଲଗାଣକାରୀ ସଂସ୍ଥାରେ ନିଜ ଉପାର୍ଜିତ ଟଙ୍କା ଫିକ୍ସଡ ଡିପୋଜିଟ କରିଥିଲେ। ଡିପୋଜିଟ ଟଙ୍କାର ମାଚୁରିଟି ସମୟ ହେବା ପରେ ମଧ୍ୟ ସେ ଟଙ୍କା ପାଇ ନ ଥିଲେ। ଅନ୍ୟପଟେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ ଏବଂ ଟଙ୍କା ଅଭାବରୁ ଚିକିତ୍ସା କରିପାରି ନ ଥିଲେ। ଏ ନେଇ ପରିବାର ଲୋକ ତାଙ୍କୁ ବହୁଥର ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ଅଫିସକୁ ନେଇଥିଲେ। ହେଲେ ଜମାଟଙ୍କା ମିଳି ନ ଥିଲା। ପରେ ସେ ପୋଲିସରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଅପରପକ୍ଷେ ବୁଧବାର ବରଗଡ଼ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ବିଧବା ସ୍ତ୍ରୀ ଓ ଦୁଇ ଛୋଟ ପୁଅ ବେସାହାରା ହୋଇପଡିଛନ୍ତି। ଏହି ପରିବାରକୁ ତୁରନ୍ତ ଜମା ଟଙ୍କା ପ୍ରଦାନ କରିବା ଦାବି ନେଇ ପରିବାର ଓ ଗ୍ରାମବାସୀ ସୁନନ୍ଦଙ୍କ ମୃତଦେହକୁ ବରଗଡ଼ ଟାଉନ ଥାନାରେ ରଖି ଧାରଣା ଦେଇଥିଲେ।

# ୪୧ ରୂପାନ୍ତରଣ ହାଇସ୍କୁଲ ଉଦ୍‌ଘାଟିତ


କର୍ଣ୍ଣଙ୍ଗ ଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମଞ୍ଚାସୀନ ମନ୍ତ୍ରୀ ଓ ଜିଲାପାଳ।

## ସୁବର୍ଣ୍ଣପୁର ଜିଲା

ସୋନପୁର/ବିନିକା, ୧।୬(ନି.ପ୍ର./ଡି.ଏନ.ଏ.)

ଦ୍ୱିତୀୟ ପର୍ଯ୍ୟାୟରେ ୫-ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ୪୧ଟି ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଭିଡିଓ କନଫେରେନ୍ସିଂ ଜରିଆରେ ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏହି ସବୁ ସ୍କୁଲର ଶୁଭାରମ୍ଭ କରିଛନ୍ତି। ଜିଲାର ଡୁଙ୍ଗୁରିପାଲି ବ୍ଲକରେ ସର୍ବାଧିକ ୧୧ଟି ହାଇସ୍କୁଲ, ସୋନପୁର ବ୍ଲକରେ ୭ଟି, ଉଲୁଣ୍ଡା ବ୍ଲକରେ ୭ଟି, ବୀରମହାରାଜପୁର ବ୍ଲକରେ ୬ଟି, ବିନିକାରେ ୫ଟି ଓ ତରଭାରେ ୫ଟି ହାଇସ୍କୁଲ ରହିଛି। ଏଣିକି ଏହି ସବୁ ସ୍କୁଲର ଛାତ୍ରୀଛାତ୍ର ସ୍ମାର୍ଟ ଶ୍ରେଣୀଗୃହ ସାଙ୍ଗକୁ ଖେଳପଡିଆ, ଇ-ଲାଇବ୍ରେରୀ ଓ ବିଜ୍ଞାନଗାରର ସୁବିଧା ପାଇବେ। ଏହି ଅବସରରେ ବିନିକା ବ୍ଲକର କର୍ଣ୍ଣଙ୍ଗ ହାଇସ୍କୁଲରେ ଜିଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବୀରମହାରାଜପୁର ବିଧାୟକ ତଥା ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ମନ୍ତ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶାର ବିକାଶ ମୂଳକ କାର୍ଯ୍ୟ ଜାରି ରହିଛି। ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଯୋଗୁ ଜିଲାରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କର୍ଣ୍ଣଙ୍ଗ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ମୌସୁମୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ସହିତ ଭିଡିଓ କନଫେରେନ୍ସିଂରେ ବାର୍ତ୍ତାଳାପ କରିବା ସହ ବିଦ୍ୟାଳୟ ଓ ଶିକ୍ଷା ଗ୍ରହଣ ସମ୍ପର୍କରେ ନିଜର ଅନୁଭୂତି ବଖାଣି ଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଳାମଣି ପଟେଲ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅବିନାଶ ପୁରୋହିତ, ବିନିକା ବିଡିଓ ବ୍ୟାସଦେବ ବେହେରା ଓ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ସମେତ ସରକାରୀ ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବୈଦିକ ରୀତିରେ ହେଲା ପତରପେଣ୍ଡି

ବରପାଲି,୧।୬(ଡି.ଏନ.ଏ.)

ବରପାଲିର ୧୪୫ ତମ ଶୀତଳ ଷଷ୍ଠୀ ଯାତ୍ରା ଜମିବାରେ ଲାଗିଛି। ବୁଧବାର ବୈଦିକ ରୀତିରେ ପତରପେଣ୍ଡି ଅନୁଷ୍ଠିତ ହୋଇଛି। ରାଜବାଟୀ ସ୍ଥିତ ଭଣ୍ଡାର ଗୃହରୁ ବାବା କପିଳେଶ୍ୱର ଦେବଙ୍କ ପାଇଁ ପାତ୍ରୀ ଅନ୍ୱେଷଣରେ ଏକ ଭବ୍ୟ ଶୋଭାଯାତ୍ରା ନଗର ପରିକ୍ରମା କରି ଜଗନ୍ନାଥ ନଗର ସ୍ଥିତ ହିମାଦ୍ରି ନଗରରେ ପହଞ୍ଚିଥିଲା। ସେଠାରେ ପତରପେଣ୍ଡି ବା ପାତ୍ରୀ ଅନ୍ୱେଷଣ କାର୍ଯ୍ୟ ବୈଦିକ ରୀତିରେ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ପହଞ୍ଚିବା ପରେ ଉଭୟ ପକ୍ଷରୁ ସପକ୍ଷ ଓ ବିପକ୍ଷରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏଥିପାଇଁ ଉଭୟ ପକ୍ଷରୁ ବିଦ୍ୱାନ ପଣ୍ଡିତମାନଙ୍କୁ ନିୟୋଜିତ କରାଯାଇଥିଲା। ପୂର୍ବାହ୍ନରେ ସମଲେଶ୍ୱରୀ ମନ୍ଦିର ସମ୍ମୁଖରେ ରୁଦ୍ର ଯଜ୍ଞ ଆରମ୍ଭ ହୋଇଥିଲା। ଏହାପୂର୍ବରୁ ବରପାଲି ଜମିଦାର ଲାଲ ବିକ୍ରମ ସିଂ, ଗୌର ସିଂ, ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ କପିଳେଶ୍ୱରଙ୍କ ଆଜ୍ଞାମାଳ ଯଜ୍ଞ ମଣ୍ଡପଠାରେ ପହଞ୍ଚାଇବା ପରେ ରୁଦ୍ର ଯଜ୍ଞ ଆରମ୍ଭ ହୋଇଥିଲା। ନୃପଲାଲ ଉଦ୍ୟାନରେ ଆର୍ଟ ଅଫ ଲିଭିଂ ପକ୍ଷରୁ ହିମାଂଶୁ ପଣ୍ଡା ଓ ସାଥୀ ଭଜନ ପରିବେଷଣ କରିଛନ୍ତି। ସେହିପରି ସହରର ବିଭିନ୍ନ ଛକରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଦାଦନ ଖଟିବାକୁ ଯାଇ ୪ ମାସ ହେବ ଶ୍ରମିକ ନିଖୋଜ

ନୂଆପଡ଼ା ଅଫିସ,୧।୬

ନୂଆପଡା ଜିଲାରେ କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯାଇ ଲୋକେ ବିଭିନ୍ନ ନିର୍ଯ୍ୟାତନାର ଶିକାର ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କଲେ ମଧ୍ୟ ଶ୍ରମିକ ଠିକ ସମୟରେ ପାଉଣା ପାଉ ନ ଥିବାରୁ ବାହାର ରାଜ୍ୟକୁ ଦାଦନ ଯିବା ପାଇଁ ବାଧ୍ୟ ହେଉଛନ୍ତି। ସେଠାରେ ଗଲେ ଇଟାଭାଟି ମାଲିକ ଦ୍ୱାରା ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଏପରି ଏକ ଦୁଃଖଦ ଘଟଣା ନୂଆପଡା ଜିଲା ଲଖନା ଥାନା ଅନ୍ତର୍ଗତ ପେଠିଆପାଲି ଗାଁରୁ ଆସିଛି। ସୂଚନାନୁସାରେ ଗତ ଜାନୁୟାରୀରେ ପେଠିଆପାଲି ଗାଁର କୁମର ରାଉତ (୪୯) ସ୍ତ୍ରୀ ଓ ଛୁଆପିଲାକୁ ନେଇ ସ୍ଥାନୀୟ ଦଲାଲଙ୍କ କଥାରେ ବିନା ଅଗ୍ରୀମ ଟଙ୍କାରେ ଅନ୍ୟ ଶ୍ରମିକମାନଙ୍କ ସହିତ ମିଶି ବ୍ରହ୍ମପୁର ସହର କେଶପୁରରେ ଇଟାଭାଟିରେ କାମ କରିବା ପାଇଁ ଯାଇଥିଲେ। କୁମର ମାସେ କାମ କରିବା ପରେ ପଞ୍ଚାୟତ ନିର୍ବାଚନ ପାଇଁ ଘରକୁ ଆସିଥିଲେ। ଭୋଟ ଦେଇ ପୁଣି କେଶପୁରକୁ କାମ କରିବାକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ସ୍ତ୍ରୀଙ୍କୁ ଫୋନ ଯୋଗେ ଜଣାଇଥିଲେ। କିନ୍ତୁ ଦିନକ ପରେ କୁମର ଶୌଚ ପାଇଁ ଯାଉଛି କହି ଯାଇ ଆଉ ଇଟାଭାଟିକୁ ଫେରି ନ ଥିଲେ। କୁମର ଫେରିବା ବିଳମ୍ବ ହେବାରୁ ସାଙ୍ଗମାନେ ଖୋଜିବା ପାଇଁ ଆଖପାଖ ଗାଁକୁ ଯାଇଥିଲେ ମଧ୍ୟ କୌଣସି ଖବର ମିଳି ନ ଥିଲେ। କୁମରଙ୍କ ସ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ନିଖୋଜ ଥିବା ଜଣାଇଥିଲେ। ସ୍ୱାମୀ ଘରକୁ ଫେରିବେ ବୋଲି ଭାବି ସ୍ତ୍ରୀ ଅପେକ୍ଷାରେ ରହିଥିଲେ। ୪ ମାସ ବିତିଯାଇଥିଲେ ମଧ୍ୟ ସ୍ୱାମୀ ଘରକୁ ନ ଫେରିବାରୁ ସ୍ତ୍ରୀ ବାସବାଈ ରାଉତ ଲଖନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଲଖନା ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ଅନ୍ୟପଟେ କୁମରଙ୍କ ସ୍ତ୍ରୀ ବାସବାଈ ନିଖୋଜ ସ୍ୱାମୀଙ୍କୁ ଉଦ୍ଧାର ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି।


କୁମର ରାଉତଙ୍କ ଫାଇଲ ଫଟୋ।

# କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

କଣ୍ଟାମାଳ,୧।୬(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୨ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପ୍ରଧାନ, ଜିଲା କ୍ରୀଡା ଅଧିକାରୀ ପବିତ୍ର ରାଉତ, ଜିଲା କ୍ରୀଡା ଶାରୀରିକ ପରିଦର୍ଶକ ଆନନ୍ଦ ବେହେରା, ଅରୁଣ ଖଟୁଆ ପ୍ରମୁଖ ଯୋଗଦେଇ ଚୟନ କରିଥିଲେ।

# ଜିଲା ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲେ ମହିଳା

## ପାନୀୟ ଜଳ ସମସ୍ୟା

ସୁନ୍ଦରଗଡ,୧।୬ (ଡି.ଏନ୍.ଏ.)

ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ଭେଡାବାହାଲ ଗ୍ରାମରେ ପାନୀୟ ଜଳ ସମସ୍ୟାର ସମାଧାନ ଦାବି ନେଇ ବୁଧବାର ଗ୍ରାମର ମହିଳାମାନେ ଜିଲା ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଥିଲେ। ଏହି ଗ୍ରାମର ଜନସଂଖ୍ୟା ୫ହଜାରରୁ ଊର୍ଦ୍ଧ୍ୱ ଥିବା ବେଳେ ଚାହିଦା ମୁତାବକ ପାନୀୟ ଜଳ ମିଳୁନାହିଁ । ଫଳରେ ଲୋକେ ନାହିଁ ନ ଥିବା ଜଳକଷ୍ଟ ଭୋଗୁଛନ୍ତି। ଖରାଦିନେ ଅଧିକାଂଶ ନଳକୂପରୁ ପାଣି ବାହାରୁ ନାହିଁ । ଅନ୍ୟ କେତେକ ନଳକୂପରୁ ଗୋଳିଆ ପାଣି ବାହାରୁ ଥିବାରୁ ତାହା ବ୍ୟବହାର ଅନୁପଯୋଗୀ ହୋଇପଡିଛି। ୱାର୍ଡ ନଂ୬, ୮ ଓ ୯ ନଂ ୱାର୍ଡରେ ଜଳକଷ୍ଟ ଅଧିକ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ପାନୀୟ ଜଳ ସମସ୍ୟାର ସମାଧାନ ସହ ନଳକୂପଗୁଡିକରେ ସୋଲାର ପମ୍ପ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

# ଅବସର ପରେ ଅଧ୍ୟାପକଙ୍କୁ ଗ୍ରାମବାସୀଙ୍କ ସମ୍ବର୍ଦ୍ଧନା

କୁଚିଣ୍ଡା,୧।୬(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ପାରୁଆଭାଡି ଗ୍ରାମର ଅଧ୍ୟାପକ ନରେଶ ଶଙ୍କର ହଂସ ବୁଧବାର ଅବସର ଗ୍ରହଣ ପରେ ଗାଁରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଭାବେ ଦେବଗଡ ଜିଲାର ତିଲେଇବଣି ବ୍ଲକ ଲୁହର ଏସ୍‌ଏନ୍ କଲେଜରୁ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। କଲେଜରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦେବା ପରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ସେଠଙ୍କ ସମେତ ଅଧ୍ୟାପକ ଓ କର୍ମଚାରୀବୃନ୍ଦ ତାଙ୍କୁ ପାରୁଆଭାଡି ଗ୍ରାମ ପର୍ଯ୍ୟନ୍ତ ଛାଡିବାକୁ ଆସିଥିଲେ। ଗ୍ରାମର ଶହଶହ ମହିଳା, ପୁରୁଷ ଓ ଯୁବକ ତାଙ୍କୁ ଗାଁ ମୁଣ୍ଡରୁ ବାଜା, ବାଣ, ରୋଷଣୀ ଦ୍ୱାରା ଘର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ନରେଶ ଜମନକିରା କଲେଜ, ଦେବଗଡ ଜିଲାର କଳା କଲେଜ ଓ କୁଚିଣ୍ଡା ବ୍ଲକ କହ୍ଲେଇପାଲି କଲେଜରେ ଶିକ୍ଷାଦାନ କରିଥିଲେ। ପରେ ୧୯୯୭ରେ ଦେବଗଡ ଜିଲା ଲୁହର ଏସ୍‌ଏନ୍ କଲେଜରେ ରାଜନୀତି ବିଜ୍ଞାନ ବିଭାଗରେ ଶିକ୍ଷାଦାନ କରି ଅବସର ଗ୍ରହଣ କରିଛନ୍ତି। ଲୁହର କଲେଜରେ ଥିବା ବେଳେ ସେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଲୁହର କଲେଜଟି ବଣ ଜଙ୍ଗଲ ଘେରା ହୋଇଥିବାରୁ ଅଧ୍ୟକ୍ଷଙ୍କ ସହ ମିଶି ସେ ଘରଘର ବୁଲି ପିଲାଙ୍କୁ ପାଠ ପଢିବା ପାଇଁ ପ୍ରବର୍ତ୍ତାଇଥିଲେ। ଏହାଛଡା ସେ ଅଧ୍ୟାପକ ଥିବା ସମୟରେ ବୃକ୍ଷରୋପଣ, ନାରୀ ଶିକ୍ଷା, ଅନ୍ଧ ବିଶ୍ୱାସ ଭଳି କୁସଂସ୍କାରର ବିଲୋପ ପାଇଁ ଛାତ୍ରୀଛାତ୍ରଙ୍କୁ ନେଇ ଅଞ୍ଚଳରେ ସଚେତନତା ସୃଷ୍ଟି କରି ସମସ୍ତଙ୍କ ପ୍ରିୟପାତ୍ର ହୋଇଥିଲେ।


ନରେଶଙ୍କୁ ତାଙ୍କ ସ୍ତ୍ରୀ ଓ ଗ୍ରାମବାସୀ ପାଛୋଟି ନେଉଛନ୍ତି।

# ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ଦାବି

ବରଗଡ଼ ଅଫିସ,୧।୬

ବରଗ ସହର ସ୍ଥିତ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଦୀର୍ଘଦିନରୁ ରକ୍ତ ପୃଥକୀରଣ ୟୁନିଟ ସ୍ଥାପନ ହୋଇଛି। ଏହାର ଉଦ୍‌ଘାଟନ ମଧ୍ୟ ସରିଛି। ହେଲେ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଏହାକୁ ନେଇ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ବୁଧବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ନିଷ୍ଠା ପରିବାର ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରି ରକ୍ତ ପୃଥକୀକରଣ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି। ପ୍ରକାଶ ଯେ, ପୂର୍ବରୁ ଉକ୍ତ ରକ୍ତ ପୃଥକୀକରଣ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ନିଷ୍ଠା ପରିବାର ତରଫରୁ ବହୁବାର ଧାରଣା ଦିଆଯାଇଥିଲା। ତତ୍କାଳୀନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ବ୍ଲଡ ବ୍ୟାଙ୍କ ଅଧିକାରୀ ଧାରଣାସ୍ଥଳକୁ ଆସି ଉକ୍ତ ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବ ବୋଲି ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ରୋଗୀ ଓ ସମ୍ପର୍କୀୟମାନେ ହଇରାଣ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି। ଆଗାମୀ ୭ଦିନ ମଧ୍ୟରେ ରକ୍ତ ପୃଥକୀକରଣ ୟୁନିଟକୁ କାର୍ଯ୍ୟକ୍ଷମ କରା ନ ଗଲେ ଏକ ବିରାଟ ଜନଆନ୍ଦୋଳନ କରାଯିବ ବୋଲି ନିଷ୍ଠା ପରିବାର ଚେତାବନୀ ଦେଇଛି। ସମ୍ପାଦକ ଲୋକନାଥ ସାହୁ, ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ଶୋଭନ ରଥ, ଅମନ ଦେହୁରୀ, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ଓ ରୀନା ମହାରଣା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।


ସ୍ୱେଚ୍ଛାସେବୀମାନେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଉଛନ୍ତି।

## ବାଥ୍‌ରୁମ୍‌ରେ ପଡ଼ି ନାବାଳିକା ମୃତ

ଜୁନାଗଡ଼,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ମୁଣ୍ଡରାଗୁଡ଼ାରେ ବୁଧବାର ବାଥ୍‌ରୁମ୍‌ରେ ପଡି ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଜୁନାଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୨) ରୁଜୁ ହୋଇଛି।

## ସଂକ୍ଷେପରେ

### ହରିଶଙ୍କର ଛକ ଲୁଟ୍ ଘଟଣା, ଅନ୍ୟତମ ଅଭିଯୁକ୍ତ ଗିରଫ

ଖପ୍ରାଖୋଲ,୧।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ହରିଶଙ୍କର ଛକ ନିକଟରେ ଗତ ଅକ୍ଟୋବର ୧୧ ତାରିଖ ଲୁଟ୍ ଘଟଣାର ଅନ୍ୟତମ ଅଭିଯୁକ୍ତ ବଲାଙ୍ଗୀର ଆମପଡାର ଧୀରଜ ବାଗ (୨୫)ଙ୍କୁ ପୋଲିସ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି । ଅକ୍ଟୋବର ୧୧ରେ ନାନ୍ଦୁପଲା ଗାଁର କିଓସ୍କ ବ୍ୟାଙ୍କ ମାଲିକ ଋଷି କୁମାର ବେହେରା ଖପ୍ରାଖୋଲ ଉତ୍କଳ ବ୍ୟାଙ୍କରୁ ଟଙ୍କା ଉଠାଣ କରି ଫେରୁଥିଲେ। ହରିଶଙ୍କର ଛକ ନିକଟରେ ବାଇକରେ ଆସି ଲୁଟେରାମାନେ ଋଷି କୁମାରଙ୍କ ବାଟ ଓଗାଳିଥିଲେ। ପରେ ମାଡ଼ ମାରି ତାଙ୍କଠାରୁ ନଗଦ ୩ଲକ୍ଷ ଟଙ୍କା ଓ କାଗଜପତ୍ର ଲୁଟି ନେଇ ପଳାଇଥିଲେ। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୫୨/୨୧)ରୁଜୁ କରି ପୋଲିସ ଅକ୍ଟୋବର ୩୦ରେ ୬ଜଣଙ୍କୁ ଗିରଫ କରିଥିଲା। ଅନ୍ୟତମ ଅଭିଯୁକ୍ତ ଧୀରଜ ସେହିଦନୁ ଫେରାର ଥିଲେ। ମଙ୍ଗଳବାର ଚଢ଼ାଉ କରି ପୋଲିସ ତାଙ୍କୁ ବଲାଙ୍ଗୀରରୁ ଗିରଫ କରିଥିଲା ।

### ଭଡାଘରେ ପ୍ରସ୍ତୁତ କରାଯାଉଥିଲା ନକଲି ବିଦେଶୀ ମଦ

**୨୨ଲିଟର ମଦ, ନକଲି ଷ୍ଟିକର ଜବତ, ୨ ଗିରଫ**

ପାଟଣାଗଡ,୧।୬ (ଡି.ଏନ.ଏ): ବଲାଙ୍ଗୀର ଜିଲା ପାଟଣାଗଡ ସହରର ଏକ ଭଡାଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଅବକାରୀ ବିଭାଗ ଗୁଇନ୍ଦା ସଂସ୍ଥା ନକଲି ବିଦେଶୀ ମଦ ଜବତ କରିଛି। ନକଲି ମଦ ପ୍ରସ୍ତୁତିରେ ସମ୍ପୃକ୍ତ ଅରୁଣ କୁମାର ସା(୩୬) ଏବଂ ସତୀଶ କୁମାର(୪୫)ଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତିମାନେ ଝାଡଖଣ୍ଡର। ସେମାନେ ସ୍ଥାନୀୟ ଏକ ବିଦେଶୀ ମଦ ଦୋକାନରେ କାମ କରୁଥିବା ଜଣାଯାଇଛି । ସ୍ଥାନୀୟ ୧ ନମ୍ବର ବିଦେଶୀ ମଦ ଦୋକାନରେ କାମ କରୁଥିବା ଅରୁଣ ଏବଂ ସତୀଶ ରହୁଥିବା ଭଡାଘରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରୁଥିବା ଅବକାରୀ ଗୁଇନ୍ଦା ବିଭାଗକୁ ଖବର ମିଳିଥିଲା। ନିରୀକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ନେତୃତ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ଉକ୍ତ ଘରେ ଚଢାଉ କରାଯାଇଥିଲା। ସେତେବେଳେ ନକଲି ଗିରଫ ଅଭିଯୁକ୍ତ ମଦ ପ୍ରସ୍ତୁତି କରୁଥିଲେ। ସେମାନଙ୍କ ନିକଟରୁ ୨୨.୧୪୦ ଲିଟର ନକଲି ମଦ ଜବତ କରାଯାଇଥିଲା। ଏହାବ୍ୟତୀତ ୭୫୦ ମି.ଲି. ବିଶିଷ୍ଟ ୧୫ଟି ଖାଲି ବିଦେଶୀ ମଦ ବୋତଲ, ୧୮୦ ମିଲି. ବିଶିଷ୍ଟ ୪୨ଟି ବୋତଲ, ୧୪୦ଟି ନକଲି ଷ୍ଟିକର୍, ଏବଂ ୧୪୦ଟି ଠିପି ଜବତ କରାଯାଇଥିଲା। ତେବେ ନକଲି ମଦ ପ୍ରସ୍ତୁତିରେ କିଛି ରାସାୟନିକ ପଦାର୍ଥ ମିଶାଯାଉଛି ନା ନାହିଁ ତାହା ଲାବରୋଟାରୀ ପରୀକ୍ଷା ପରେ ଜଣାପଡିବ ବୋଲି ନିରୀକ୍ଷକ ପଣ୍ଡା କହିଛନ୍ତି।

### କୋସଲି କବି ଚତୁର୍ଭୁଜ ସାଆନ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭା

ଟିଟିଲାଗଡ,୧।୬(ଡି.ଏନ.ଏ.): ବିଶିଷ୍ଟ କୋସଲି କବି ଚତୁର୍ଭୁଜ ସାଆନ୍ତଙ୍କ ପ୍ରଥମ ଶ୍ରାଦ୍ଧଦିବସ ଅବସରରେ ଟିଟିଲାଗଡ କୋସଲି ଭାଷା ସୁରକ୍ଷା ସମିତି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଉପଦେଷ୍ଟା ସେବକ ଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକ ସଂଘ ସହସମ୍ପାଦକ ଘିନୁ ଆଡଯୁଆଡ, କୋଶଳ ପ୍ରବାହ ସମ୍ବାଦପତ୍ର ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ, ଉର୍ଘା ସଂକଳନର ପ୍ରକାଶିକା ତଥା ସ୍ୱର୍ଗତ ସାଆନ୍ତଙ୍କ ଧର୍ମପତ୍ନୀ ଯାଜ୍ଞସେନୀ ଜାନୀ, ସାହିତ୍ୟ ସଂସ୍କୃତି ଟିଟିଲାଗଡର ବରିଷ୍ଠ ସଭ୍ୟ ଜ୍ୟୋତିପ୍ରକାଶ ଗଡତ୍ୟା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚତୁର୍ଭୁଜ ସାଆନ୍ତଙ୍କ ସଂକଳିତ କୋସଲି କବିତା ସଂକଳନ ଉର୍ଘା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉର୍ଘାକୁ ଅଧ୍ୟାପକ ଦିଲୀପ କୁମାର ପଶାୟତ ସମୀକ୍ଷା କରିଥିଲେ। ସ୍ଥାନୀୟ ସାହିତ୍ୟ ସଂଗଠନ କୋସଲି ଭାସା ସୁରକ୍ଷା ସମିତି, ବହିହାଟ, ସାହିତ୍ୟ ସଂସ୍କୃତି ଓ କୋସଲି ସାଂସ୍କୃତିକ ମହାଯୋଟ ତରଫରୁ ଏକ ସ୍ମୃତିପତ୍ର ସ୍ୱର୍ଗତ ସାଆନ୍ତଙ୍କ ପରିବାରକୁ ଅର୍ପଣ କରାଯାଇଥିଲା। ରାଜୀବ ଲୋଚନ ପାଢୀ, ଜଗନ୍ନାଥ ପଣ୍ଡା, ଯୁଗଳ କିଶୋର ଷଡଙ୍ଗୀ, ଗୋବର୍ଦ୍ଧନ ସାହୁ, ବନମାଳୀ ଦାଶ, ମଧୁସୂଦନ ମହାନନ୍ଦ, ବିରଞ୍ଚି ନାରାୟଣ ଦାଶ, ବିନୟ ଦାଶ, ନାରାୟଣ ମିଶ୍ର, ଲାଲଚନ ବରଗର୍ତ୍ତୀ, ପୁସ୍ତମ ଯୁଆଡି, ଗଣେଶ ବାରିକ, ନୀଳମଣି ସାହୁ ପ୍ରମୁଖ ସ୍ମୃତିସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ସାଆନ୍ତଙ୍କ ବାସଭବନରେ ଚତୁର୍ଭୁଜ ସାଆନ୍ତ ସ୍ମୃତି ପାଠାଗାର ଅତିଥି ମାନଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବସ୍ ଟର୍ମିନାଲ

- ରାଜ୍ୟ ପରିବହନ ନିଗମ ସିଏମ୍‌ଡି, ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ
- ସରକାରୀ ବସ୍‌ଷ୍ଟାଣ୍ଡକୁ କରାଯିବ ସିଟି ବସଷ୍ଟପ୍
- ଆସନ୍ତା ୨୪ ସୁଦ୍ଧା ହୋଇପାରେ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର

ବଲାଙ୍ଗୀର ଅଫିସ, ୧।୬


ଜିଲାପାଳ ଚଞ୍ଚଳ ରାଣା, ନିଗମ ସିଏମ୍‌ଡି ଦୀପ୍ତେଶ ପଟ୍ଟନାୟକ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟରେ ଆଲୋଚନା କରୁଛନ୍ତି।

ବଲାଙ୍ଗୀରଠାରେ ନିର୍ମିତ ନୂତନ ବସ୍ ଟର୍ମିନାଲକୁ ଅତିଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ଏନେଇ ଜିଲାପାଳ ଚଞ୍ଚଳ ରାଣା ଏବଂ ରାଜ୍ୟ ପରିବହନ ନିଗମ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ଦୀପ୍ତେଶ ପଟ୍ଟନାୟକଙ୍କ ଉପସ୍ଥିତିରେ ଜିଲା ଘରୋଇ ବସ୍ ମାଲିକ ସଂଘ ସଦସ୍ୟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଖୁବ୍‌ଶୀଘ୍ର ଘରୋଇ ଏବଂ ସରକାରୀ ବସ୍‌ଷ୍ଟାଣ୍ଡକୁ ନୂତନ ବସ୍ ଟର୍ମିନାଲକୁ ସ୍ଥାନାନ୍ତର କରାଯିବା ନେଇ ଚୂଡାନ୍ତ ଆଲୋଚନା ହୋଇଥିଲା।

ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଏବଂ ରାଜ୍ୟ ପରିବହନ ନିଗମର ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ସହ ଜିଲା ଘରୋଇ ବସ୍ ମାଲିକ ସଂଘର ଆଲୋଚନା ହୋଇଥିଲା। ନୂତନ ବସ ଟର୍ମିନାଲକୁ ସମଗ୍ର ରାଜ୍ୟର ଏକ ଆଦର୍ଶ ବସ୍ ଟର୍ମିନାଲ ଭାବେ ପରିଣତ କରିବାକୁ ଜିଲାପାଳ ରାଣା ଓ ପରିବହନ ନିଗମ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଏହାସହ ଏହାକୁ ବଲାଙ୍ଗୀରବାସୀ ଏକ ତମାଖୁମୁକ୍ତ ଓ ସ୍ୱଚ୍ଛ ବସଷ୍ଟାଣ୍ଡରେ ପରିଣତ କରିବା ପାଇଁ ଆଗେଇ ଆସିବେ ବୋଲି ଆହ୍ୱାନ ଦେଇଥିଲେ। ବୈଠକରେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ମଧ ବଲାଙ୍ଗୀରବାସୀଙ୍କ ସ୍ୱାର୍ଥ ସମ୍ମିଳିତ ମତ ଉପସ୍ଥାପନ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟ ୮ ମାସ ତଳେ ବସ ଟର୍ମିନାଲକୁ ଉଦ୍‌ଘାଟନ ଘୋଷଣା କରିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନ ସତ୍ତ୍ୱେ କିଛି ନିର୍ମାଣ ଓ ଆନୁସଙ୍ଗିକ କାମ ବାକି ରହିଯାଇଥିବାରୁ ଏହା ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ଜିଲାପାଳ ରାଣା ଗତ ୪ ମାସ ଧରି ନୂତନ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ଦିଗରେ ଉଦ୍ୟମ କରି ଆସୁଥିଲେ । ବର୍ତ୍ତମାନର ପୁରୁଣା ବସ୍‌ଷ୍ଟାଣ୍ଡକୁ ଏକ ସିଟି ବସ୍‌ଷ୍ଟପ ଭାବେ ବ୍ୟବହାର କରିବା ପାଇଁ ମଧ ଆଜିର ବୈଠକରେ ଆଲୋଚନା ହୋଇଛି । ନୂତନ ବସ୍‌ଷ୍ଟାଣ୍ଡରେ ଅତିଶୀଘ୍ର ଏକ ଶୌଚାଳୟ ନିର୍ମାଣ କରାଯିବ। ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇ ସେଠାରେ ଏକ ପୋଲିସ ଫାଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକ ପରେ ଜିଲାପାଳ ଏବଂ ରାଜ୍ୟ ପରିବହନ ମୁଖ୍ୟ ନିର୍ଦ୍ଦେଶକଙ୍କ ସହ ସମସ୍ତ ଅଧିକାରୀ ନୂତନ ବସ୍‌ଷ୍ଟାଣ୍ଡ, ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ସହ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ଜିଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରାଯାଇ ଯାତ୍ରୀଙ୍କ ସୁବିଧା ପାଇଁ ଆହୁରି ଭିତ୍ତିଭୂମିର ବିକାଶ ପାଇଁ ଅନୁରୋଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ଘରୋଇ ବସ୍ ମାଲିକ ସଂଘ ସଭାପତି ହେମନ୍ତ ପଣ୍ଡା, ଉପସଭାପତି ସୌମେନ୍ଦ୍ର ପରିଚ୍ଛା, ସମ୍ପାଦକ ପ୍ରଦ୍ୟୁତ ମିଶ୍ର, କୋଷାଧ୍ୟକ୍ଷ ଶିବଶଙ୍କର ପଟେଲ, ସହ ସମ୍ପାଦକ ଲିକୁନ ଆଚାର୍ଯ୍ୟ, ବରିଷ୍ଠ ସଭ୍ୟ ଦୁର୍ଗା ଚରଣ ବେହେରା, ଓମ ପ୍ରକାଶ ଚାନ୍ଦ, ଅକ୍ଷୟ କଣ୍ଟା, ଆଶୁତୋଷ ମିଶ୍ର, ସୁନିଲ ମିଶ୍ର, ଡମ୍ବରୁଧର ଆଚାର୍ଯ୍ୟ, ମନୋଜ ଗୁରୁ, ସଞ୍ଜୀବ ପଣ୍ଡା, ଚନ୍ଦ୍ରମଣି ତ୍ରିପାଠୀ, ଜୟନ୍ତ ସିଂଦେଓ, ଅରୁଣ ବରାଇ, ରିଙ୍କୁ ଭୋଇ, ଭବାନୀ ପଟେଲ, ପ୍ରଶାନ୍ତ ପଣ୍ଡା, ଲକି ସାହୁଙ୍କ ସହ ସମସ୍ତ ବସ୍ ମାଲିକ ଯୋଗଦେଇଥିଲେ।

## ଚାଷ ଉପଯୋଗୀ ବିଭିନ୍ନ ସାମଗ୍ରୀ ଚୋରି

ଖଡିଆଳ,୧।୬(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ଲଛିପୁର ଗ୍ରାମର ଏକ ଘରରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଲଛିପୁର ଗ୍ରାମର ପ୍ରଫୁଲ୍ଲ କୁମାର ମହାଉତୀ ଖଡିଆଳ–ଭବାନୀପାଟଣା ରାଜ୍ୟ ରାଜପଥ ଅନ୍ତର୍ଗତ ସାନଦୋହେଲ ଗ୍ରାମ ଛକ ନିକଟରେ ଏକ ଘର ତିଆରି କରି ଚାଷ ଉପଯୋଗୀ ସାମଗ୍ରୀ ସହ ଗାଈ, ଗୋରୁ, କୁକୁଡା ଆଦି ପାଳନ କରି ଆସୁଥିଲେ। ମଙ୍ଗଳବାର ରାତିରେ ଦୁର୍ବୃତ୍ତ ଘର ଆଜବେଷ୍ଟ ଭାଙ୍ଗି ପଶି ଚାଷ ଉପଯୋଗୀ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛନ୍ତି। ଏପରିକି ଗତବର୍ଷ ମଧ୍ୟ ଏକ ଗାଈ ଓ ବାଛୁରୀ ଚୋରି ହୋଇଥିଲା । ଘଟଣାର ତଦନ୍ତ କରି ଚୋରି ସାମଗ୍ରୀ ଉଦ୍ଧାର କରି ଚୋରଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି।

## ବୋର୍‌ୱେଲ ଭୁଶୁଡିଗଲା, ଚିନ୍ତାରେ ଚାଷୀ

ବୋଡେନ,୧।୬(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ବ୍ଲକ ସୁନାପୁର ପଞ୍ଚାୟତ ବାଗବାହାଲ ଗାଁ ଲକ୍ଷ୍ମଣ ମାଝି ଚାଷୀଙ୍କ ଜମିରେ କୃଷି ବିଭାଗ ପକ୍ଷରୁ ଏକ ବୋରୱେଲ ଖୋଳାଯାଇଥିଲା। ଏହି ବୋରୱେଲ ପାଣିରେ ଲକ୍ଷ୍ମଣ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ଆସୁଥିଲେ। ହେଲେ ବୋରୱେଲ ଭୁଶୁଡିବା ଦିନଠାରୁ ସେ ନିରାଶ ହୋଇ ମୁଣ୍ଡରେ ହାତଦେଇ ବସିଛନ୍ତି। ପନିପରିବା ଚାଷରେ ପରିବାର ପ୍ରତିପୋଷଣ କରିଆସୁଥିଲେ। ଚାଷୀ କେତେ କଷ୍ଟରେ ପନିପରିବା ଚାଷ ପାଇଁ ଧାରକରଜ କରି ବିହନ କିଣିଥିଲେ। କିନ୍ତୁ ବିକ୍ରି ସମୟରେ ଭୁଶୁଡିଗଲା ବୋରୱେଲ। ଏହି ବୋଓେଲ ଅଧୀନରେ ଖଇଁରା, ବାଗବାହାଲ, ଗାଁର କେତେକ ଚାଷୀଙ୍କ ଜମିରେ ପାଣି ମାଡୁଥିଲା। ଏ ଦିଗରେ ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହୋଇଛି।

## ପ୍ରଶାସନ ଜାଣିନି, ଚାଲିଛି ମହାବନ୍ଧ ମାଟି ଉନ୍ନତୀକରଣ

ଲାଠୋର,୧।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ଭରୁଆମୁଣ୍ଡା ଗ୍ରାମରେ ଥିବା ମହାବନ୍ଧ(ପୋଖରୀ)ର ମାଟି ଉନ୍ନତୀକରଣ କାମ ସମ୍ପ୍ରତି ଚାଲିଛି। ତେବେ ଏହି କାମ ଗାଁର ଶ୍ରମିକମାନଙ୍କ ଦ୍ୱାରା କରାଯାଉନାହିଁ। ଗାଁର ଯୁବକମାନ ଦାଦନ ଖଟିବାକୁ ଯାଇଛନ୍ତି କହି ଗତ ୫ଦିନ ହେବ ଜେସିବିରେ ମାଟି ଖୋଳାଯାଉଛି। ୫ଟି ଟ୍ରାକ୍ଟର ମାଧ୍ୟମରେ ଖୋଳାଯାଉଥିବା ମାଟିକୁ ବାହାରକୁ କଢା ଯାଉଛି। ଗାଁର ଶ୍ରମଜୀବୀ କାମ ନ ପାଇବା ପରେ ଘଟଣା ସମ୍ପର୍କରେ ସେ ସ୍ଥାନୀୟ ସରପଞ୍ଚ ଉମାକାନ୍ତ ମେହେରଙ୍କୁ ଜଣାଇଥିଲେ। ଘଟଣାସ୍ଥଳ ପରିଦର୍ଶନ ପରେ ସରପଞ୍ଚ ବିଡିଓ ରଶ୍ମିରଞ୍ଜନ ରାଉତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡ଼ିଓ ମହାବନ୍ଧ କାର୍ଯ୍ୟସ୍ଥଳ ପରିଦର୍ଶନ ପରେ ବିଡିଓ ରାଉତ କହିଥିଲେ ଯେ, ପ୍ରଶାସନର ଅଜାଣତରେ ମାଟି କାମ କରାଯାଉଛି। ବିନା ଶ୍ରମିକରେ କରାଯାଇଥିବା କାର୍ଯ୍ୟ ପାଇଁ କୌଣସି ପ୍ରକାରେ ସରକାରୀ ଅର୍ଥ ପ୍ରଦାନ କରାଯିବ ନାହିଁ ବୋଲି କହିଛନ୍ତି। ଏହି ପରିସ୍ଥିତିରେ ମହାବନ୍ଧ ମାଟି ଉନ୍ନତୀକରଣ କିଏ ଓ କାହା ପରାମର୍ଶରେ କରୁଛନ୍ତି ତାହାକୁ ନେଇ ଗ୍ରାମବାସୀ ଦ୍ୱନ୍ଦ୍ୱରେ ପଡିଛନ୍ତି।

୨୦୨୧–୨୨ ଆର୍ଥିକ ବର୍ଷରେ ଭରୁଆମୁଣ୍ଡା ଗ୍ରାମରେ ମହାବନ୍ଧ ମାଟିକାମ କରିବାକୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇ କୋଡ଼ିଙ୍ଗ କରାଗଲା। କୋଡ଼ିଙ୍ଗ ପରେ ଗାଁସାଥୀ ଯୁଗେଶ୍ୱର ପୁଟା କାମ କରିବାକୁ ଥିବା ଶ୍ରମିକଙ୍କ ଏକ ତାଲିକା ପ୍ରସ୍ତୁତ କରିଥିଲେ। ହେଲେ ଗାଁର କେତେକ ଆମ ଗ୍ରାମରେ ଶ୍ରମଜୀବୀମାନେ ଇଟା ଗଢିବା ପାଇଁ ଦାଦନ ଖଟିବାକୁ ଯାଇଥିବା କହିଥିଲେ। ମେଶିନ ଦ୍ୱାରା କାମ ହେବ କହି ଗ୍ରାମରେ ଭୟ ସୃଷ୍ଟି କରିଥିଲେ। ଫଳରେ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ଥିବା ଶ୍ରମିକମାନେ ଭୟରେ ଆଉ କାମକୁ ଗଲେ ନାହିଁ। ଏହାର ସୁଯୋଗ ନେଇ ସମ୍ପୃକ୍ତ ଯୁବକମାନେ ଗତ ୫ ଦିନ ହେବ ମେଶିନରେ ମାଟି ଖୋଳା କାମ କରୁଛନ୍ତି। ପରବର୍ତ୍ତୀ ସମୟରେ ବିଭାଗୀୟ କର୍ମଚାରୀଙ୍କୁ ହାତ କରି ବିଲ୍ କରାଇ ନେବା ସେମାନଙ୍କ ଯୋଜନା ଥିବା କୁହାଯାଉଛି।

## ବାର୍‌ହା ମାଂସ ଜବତ, ଜଣେ ଗିରଫ


ଗିରଫ ଅଭିଯୁକ୍ତ, ଜବତ ମାଂସ।

ଲୋଇସିଂହା,୧।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ଖଲିଆପାଲି ଗ୍ରାମରୁ ବନ ବିଭାଗ ବୁଧବାର ବାର୍‌ହା ମାଂସ ବୁଧବାର ଜବତ କରିଛି । ଏହି ଘଟଣାରେ ସୂର୍ଯ୍ୟକାନ୍ତ ଭୂଏଙ୍କୁ ଗିରଫ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ବନ ବିଭାଗ ସୂଚନା ମତେ, ଖଲିଆପାଲି ଗ୍ରାମରେ ବାରହା ମାଂସ ଭେଜି ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ମାଂସ ଭାଗ ସରିଥିବା ବେଳେ ଫରେଷ୍ଟ ଗାର୍ଡ ଚିନ୍ମୟ ପ୍ରଧାନ ଓ ଆର.କେ.ଭୋଇ ଓ ଷ୍ଟାଫ ଚଢାଉ କରିଥିଲେ । ମାତ୍ର ୨କେଜି ମାଂସ ଜବତ କରାଯାଇଥିଲା।

## ସଫେଇ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି


ସଫେଇ କର୍ମଚାରୀଙ୍କ ଆନ୍ଦୋଳନ।

ଭବାନୀପାଟଣା,୧।୬(ସ୍ୱ.ପ୍ର.)


**ପୌରପାଳିକା ସମ୍ମୁଖରେ ବିକ୍ଷୋଭ, କାର୍ଯ୍ୟବନ୍ଦ ଆନ୍ଦୋଳନ**

ଭବାନୀପାଟଣା ପୌର ପରିଷଦର ସଫେଇ କର୍ମଚାରୀ ସ୍ଥାୟୀ ନିଯୁକ୍ତି ଦାବିରେ ବୁଧବାର ସ୍ଥାନୀୟ ପୌରପାଳିକା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭବାନୀପାଟଣା ପୌର ପରିଷଦରେ ୧୬ଜଣ ଡିଏଲଆର ସଫେଇ କର୍ମଚାରୀ ଅଛନ୍ତି। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ସହ ୨୩୦ଜଣ ସଫେଇ କର୍ମଚାରୀଙ୍କୁ ଏନଏମଆର ନିଯୁକ୍ତି ଦିଆଯାଉ ବୋଲି ଦାବି କରିଛନ୍ତି। ସେହିପରି ବର୍ତ୍ତମାନ ସଫେଇ କାମ ଘରୋଇ ସଂସ୍ଥାକୁ ଦିଆଯାଇଥିବା ଯୋଗୁ ଏହାକୁ ତୀବ୍ର ବିରୋଧ କରିଛନ୍ତି ସଫେଇ କର୍ମଚାରୀମାନେ। ବୁଧବାର ଶତାଧିକ ଅସ୍ଥାୟୀ ସଫେଇ କର୍ମଚାରୀ ଆସି ବିଭିନ୍ନ ନାରାବାଜି କରିବା ସହ ସେମାନଙ୍କୁ ପୁନଃ ଥଇଥାନ କରିବା ଦାବିରେ ପୌରପାଳିକା କାର୍ଯ୍ୟାଳୟରେ ଉପସ୍ଥିତ ରହି ପୌରପାଳିକା ଅଧ୍ୟକ୍ଷା ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବି ଜଣାଇଥିଲେ। ପୌରପାଳିକା ସେମାନଙ୍କ କଥା ନ ସୁଣିଲେ ଆନ୍ଦୋଳନକୁ ତୀବ୍ରତର କରିବେ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ନିଆଁଲାଗି ଜଳିଗଲା ବୁଲେଟ

ସଇଁତଳା, ୧।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ସାଇରାମ ପଡ଼ାରେ ବୁଧବାର ଏକ ବୁଲେଟ ନିଆଁଲାଗି ଜଳି ଯାଇଛି। ପୂର୍ବାହ୍ନ ୧୧ଟାରେ ବ୍ଲକ ଛକ ଅଞ୍ଚଳର ଶିବମ ସାମନ୍ତରାୟ ବୁଲେଟ (ନଂ.ଓଡ଼ି –୦୩ – ଜି –୬୬୫୨)ରେ ସଇଁତଳା ବଜାରକୁ ଯାଇଥିଲେ। ଶିବମ ଗାଡିକୁ ସାଇରାମ ପଡ଼ାସ୍ଥିତ ଏକ ଚା ଦୋକାନ ସାମ୍ନାରେ ରଖି ଚା ପିଉଥିଲେ। ଏହି ସମୟରେ ହଠାତ୍ ଗାଡ଼ି ଜଳିବାକୁ ଆରମ୍ଭ କରିଥିଲା। ନିକଟରେ ଥିବା ଲୋକେ ପାଣି ଢ଼ାଳି ନିଆଁକୁ ଲିଭାଇଥିଲେ। ତେବେ ସେତେବେଳକୁ ବୁଲେଟ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଗାଡ଼ି ଶିବମଙ୍କ ପିତା ପ୍ରଦୀପ ସାମନ୍ତରାୟଙ୍କ ନାମରେ ପଞ୍ଜୀକରଣ ହୋଇଛି।


ନିଆଁ ଲାଗି ଜଳୁଥିବା ବୁଲେଟ।

## ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର

ବୋଡେନ,୧।୬(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ ଦୁର୍କାମୁଣ୍ଡା ଗାଁ ବ୍ରିଜ ନିକଟରେ ବୁଧବାର ଅପରାହ୍ନରେ ସଡକ ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ମତେ ଖଡିଆଳ ଥାନା ଅନ୍ତର୍ଗତ ଲାୀ ଗାଁକୁ ଅମେରା ଗାଁର ବିନୋଦ ବେମାଲ (୩୬) ଓ ଭାସ୍କର ହଂସ (୪୦) ଏକ ବିବାହ ଭୋଜି ଖାଇସାରି ଫେରୁଥିବା ବାଟରେ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ। ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତ ୨ଜଣଙ୍କୁ ଭର୍ତ୍ତି କରାଯାଇଛି। ଗୁରୁତର ହେବାରୁ ତାଙ୍କୁ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରଣ କରାଯାଇଛି। ଅଗ୍ନିଶମ ବିଭାଗର ପ୍ରବିଣ ଦାସ, ପ୍ରଦିପ ଦେହୁରି, ଜିତେନ୍ଦ୍ର ରେଡ଼ି, ରୋହିତ ଦାସ, ଭଗବାନ ଭୁୟାଁ, କୈଳାସ ସାହୁ ଉଦ୍ଧାର କରିଥିଲେ।

## ଜୁରିଆ ଧାନମଣ୍ଡି ଖୋଲିଲା

ଖପ୍ରାଖୋଲ, ୧।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା କୃଷି ସେବା ସମବାୟ ସମିତି ଜୁରିଆଠାରେ ରବି ଧାନ ମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଖପ୍ରାଖୋଲ ଯୋଗାଣ ଅଧିକାରୀ ବିକାଶ ବର୍ଲା ପ୍ରଦୀପ ପ୍ରଜ୍ୱଳନ କରି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସମ୍ପାଦକ ଶ୍ରୀପତି ଭୋଇ, ଡ଼ିଇଓ ଯଦୁମଣି ରାଣା, କନ୍ଦର୍ପ ସୁଆର, ବଂଶୀ ପଧାନ, ଜୟନ୍ତ ମେହେର, ସାନନ୍ଦ ଯୋଶୀ, ସଞ୍ଜୀବ ପଟେଲ, ସୁବଳ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନ ୪ଜଣ ଚାଷୀ ୨୫୧ କୁଇଣ୍ଟାଲ ବିକ୍ରି କରଛନ୍ତି। ସେହିପରି ଖପ୍ରାଖୋଲଠାରେ ମଧ ରବି ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛଇ। ପ୍ରଥମ ଦିନ ୨ଜଣ ଚାଷୀ ୧୨୪ କୁଇଣ୍ଟାଲ ଧାନ ବିକ୍ରି କରିଥିବା ସମ୍ପାଦକ ଶ୍ରୀପତି ଭୋଇ ପ୍ରକାଶ କରିଛନ୍ତି।


ଜୁରିଆ ଧାନମଣ୍ଡି ଉଦ୍‌ଘାଟନ ପୂର୍ବରୁ ପୂଜାର୍ଚ୍ଚନ କରାଯାଉଛି।

## ହୀରାପୁର ପଞ୍ଚାୟତରେ ଭିଜିଲାନ୍ସ ତନାଘନା

ଲୋଇସିଂହା,୧।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାମରେ ଦୁର୍ନୀତି ହୋଇଛି। ବିନା କାମରେ ଅନୁଦାନ ହଡ଼ପ ଭଳି ସଂଘାତିକ ଅଭିଯୋଗ ବଲାଙ୍ଗୀର ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲା । ବୁଧବାର ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି ପୁଲସ୍ତି ଛତ୍ରିଆଙ୍କ ନେତୃତ୍ୱରେ ଏକ ଟିମ୍ ହୀରାପୁର ପଞ୍ଚାୟତରେ ପହଞ୍ଚି ତନାଘନା କରିଥିଲେ । ଭିଜଲାନ୍ସ ଟିମ ପ୍ରଥମେ ହୀରାପୁର ପଞ୍ଚାୟତ କାର୍ଯ୍ୟାଳୟ ଯାଇଥିଲେ। କାର୍ଯ୍ୟାଳୟ ଖୋଲାଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କୌଣସି କର୍ମଚାରୀ ନ ଥିଲେ। ଭିଜିଲାନ୍ସ ଟିମ ହୀରାପୁର ଗ୍ରାମର ବିନା କାମରେ ଟଙ୍କା ଉଠିଥିବା ପଞ୍ଚାୟତ ସମ୍ମୁଖ ଡ୍ରେନ, ବାଗସର ରାସ୍ତା ଦେଖିଥିଲେ। ସେଠାରୁ ସେମେଲମୁଣ୍ଡା ଗାଁକୁ ଯାଇ ଆବର୍ଜନା କୁଣ୍ଡ, ନୂଆବନ୍ଧ ଓ ଭଗବତ ମନ୍ଦିର ପ୍ରକଳ୍ପ ବୁଲି ଦେଖିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗାଁରେ ଗୋଟିଏ ପୋଖରୀ ରହିଛି ଖଲିଆବନ୍ଧଲି। ନୂଆଁବନ୍ଧଲି ନାମରେ କୌଣସି ପୋଖରୀ ନଥିବା ଭିଜିଲାନ୍ସ ଅଧିକାରୀଙ୍କୁ ୱାର୍ଡସଭ୍ୟ ତଥା ଅଭିଯୋଗକାରୀ ହିରାଲାଲ ଭୋଇ ଜଣାଇଥିଲେ। ଅଦର୍ଶ ପୋଖରୀ ନାଁରେ ୬ ଲକ୍ଷ ଟଙ୍କା ହଡପ ହୋଇଥିବା ସେ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇଥିଲେ। ଏପରିକି ପୋଖରୀ ଗାଡୱାଲ ଅନୁଦାନ ଅର୍ଥ ଆତ୍ମସାତ ହୋଇଥିବା ସେ ଅଭିଯୋଗ କରିଥିଲେ । ଗତବର୍ଷ ନୁହେଁ, ଖଳିଆବନ୍ଧଲିରେ ୨୦୧୭–୧୮ ଆର୍ଥିକ ବର୍ଷରେ ମାଟିକାମ ହୋଇଥିବା ଗ୍ରାମର ଉପେନ୍ଦ୍ର ଭୋଇ କହିଥିଲେ। ଗ୍ରାମର ଭଗବତ ମନ୍ଦିର ନଥିଲେ ବି ଦେଢଲକ୍ଷ ଟଙ୍କା ଉଠିଥିବା ସେ ଭିଜିଲାନ୍ସ ଟିମ୍‌ର ଦୃଷ୍ଟି ଆକର୍ଷଣ କହିଥିଲେ । ଏହାପରେ ଭିଜିଲାନ୍ସ ଟିମକୁ ଗ୍ରାମବାସୀ ପନେସରା ଗ୍ରାମରେ ସୁଇଚ ଗେଟ ଲାଗି ନ ଥିବା ବନ୍ଧଲିପ୍ରକଳ୍ପ ଏବଂ ଅନୁଦାନ ମୁତାବକ ସନ୍ତୋଷଜନ କାମ ହୋଇ ନ ଥିବା ଖେଳ ପଡିଆ ଦେଖାଇଥିଲେ। ଭିଜିଲାନ୍ସ ଡିଏସ୍‌ପି ଛତ୍ରିଆ କହିଛନ୍ତି ବିନା କାମରେ ଅନୁଦାନ ହଡପ ନେଇ ଅଭିଯୋଗ ପରେ ସରଜମିନ ତଦନ୍ତ କରାଯାଇଥିଲା। ସରପଞ୍ଚ ରମାକାନ୍ତ ବିଶ୍ୱାଳ କହିଛନ୍ତି ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି ଅଭିଯୋଗ କରାଯାଇଛି ।


ଭିଜିଲାନ୍ସ ଅଧିକାରୀ ସେମେଲମୁଣ୍ଡା ଗ୍ରାମବାସୀଙ୍କୁ ପଚରାଉଚରା କରୁଛନ୍ତି।

## ବୈଦ୍ୟନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ବରଗଡ଼ ଅଫିସ,(ଡି.ଏନ.ଏ.): ବରଗଡ଼ ବ୍ଲକ ବରଡୋଲ ଗ୍ରାମରେ ଶ୍ରୀ ଶ୍ରୀ ବାବା ବୈଦ୍ୟନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଚାଲିଛି। ବୁଧବାର ଚତୁର୍ଥ ଦିବସରେ କାର୍ତ୍ତିକ, ଗଣେଶ ତଥା ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଛି। ଏହାସହ ରୀତିନୀତିରେ ଉପଚାର ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜଳନ୍ଧରଙ୍କ ଦିଗ୍‌ବିଜୟ ତଥା ସଂକୀର୍ତ୍ତା ନାଟ୍ୟ ପରିଷଦ ଦ୍ୱାରା ନାଟକ ପରିବେଷଣ କରାଯାଇଛି। ଗୁରୁବାର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ ହେବ।

## ସଂକ୍ଷେପରେ

### ଦୁଗ୍ଧ ଚାଷୀ କର୍ମଶାଳା



ବାଉଁଶୁଣୀ,୧୬(ଡି.ଏନ.ଏ.): ବିଶ୍ୱ ଦୁଗ୍ଧ ଦିବସ ଅବସରରେ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ଲକ୍ଷ୍ୟ ନେଇ ବାହାଜୋର ଗ୍ରାମରେ ଦୁଗ୍ଧ ଚାଷୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ଦୁର୍ଗା ଦେବୀ ଦୁଗ୍ଧ ସମବାୟ ସମିତି, ତବଡା ଓ କନ୍ଧେନବୁଢ଼ୀ ଦୁଗ୍ଧ ସମବାୟ ସମିତି, ବାହାଜୋରର ୩୦ଜଣ ଚାଷୀ ଯୋଗ ଦେଇଥିଲେ। ପ୍ରାଣୀ ଚିକିତ୍ସକ ଡା.ପ୍ରିୟବ୍ରତ ବେହେରା କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ ଓ ପାରିପାର୍ଶ୍ୱିକ ସ୍ୱଚ୍ଛତା ମାଧ୍ୟମରେ ଉଚ୍ଚ ଗୁଣାତ୍ମକ ମାନର ଦୁଗ୍ଧ ଉତ୍ପାଦନ କରି ଚାଷୀମାନେ କିପରି ଅଧିକ ଲାଭ ପାଇପାରିବେ ସେ ଦିଗରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓମଫେଡ଼ର ଦୁଗ୍ଧ ମାର୍ଗ ପରିଦର୍ଶକ ଅମୂଲ୍ୟ ଓଝା ଯୋଗଦେଇ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ମାଧ୍ୟମରେ ସମିତିକୁ ଅଧିକ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ନିରବଚ୍ଛିନ୍ନ ଭାବେ ଉନ୍ନତମାନର ଅଧିକ ଦୁଗ୍ଧ ଦେଉଥିବା ତବଡା ସମିତିର ସଞ୍ଜୟ କର୍ଣ୍ଣ ଓ ବାହାଜୋର ସମିତିର ଶଙ୍କର ମହାକୁଲଙ୍କୁ ମୁଖ୍ୟଅତିଥି ଡା ବେହେରା ଟ୍ରଫି ଓ ଉପଢୌକନ ଦେଇ ପୁରସ୍କୃତ କରିବା ସହିତ ଅନ୍ୟ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଦହ୍ୟା ପ୍ରାଣୀଧନ ନିରୀକ୍ଷକ ସଚ୍ଚିଦାନନ୍ଦ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବାହାଜୋର ସମିତି ସମ୍ପାଦକ ଲୋକନାଥ ମେହେର ପରିଚାଳନା କରିଥିଲେ । ତବଡା ସମିତି ସମ୍ପାଦକ ଦୀନବନ୍ଧୁ ମେଣ୍ଡିଲି ଓ ଯୁଗଳ ମହାକୁଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ପଦ୍ମପୁର ସହର ସମସ୍ୟା ଉପରେ ଆଲୋଚନା

ପଦ୍ମପୁର,୧୬(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ରାଜାଜୀ ଟାଉନ ହଲଠାରେ ନାଗରିକ କମିଟି ଆହ୍ୱାନରେ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ମହେନ୍ଦ୍ର ଭୋଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସହରରେ ବୃଦ୍ଧି ପାଉଥିବା ଅସାମାଜିକ କାର୍ଯ୍ୟକଳାପ, ନିଶା କାରବାର, ବିନା ହେଲମେଟ୍ ଓ ଲାଇସେନ୍ସରେ ଦ୍ରୁତ ଗାଡି ଚାଳନା, ତ୍ରୁଟିପୂର୍ଣ୍ଣ ଡିଭାଇଡର ନିର୍ମାଣରେ ଅଙ୍କୁଶ ଲଗାଇବା, ଜବରଦଖଲ, ଟ୍ରାଫିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଆଦର୍ଶ ଥାନାଧିକାରୀ ରାଜେନ୍ଦ୍ର ସିଅଲ କହିଥିଲେ ଯେ, ପୋଲିସ ସବୁବେଳେ ଲୋକଙ୍କ ସେବାରେ ରହିଛି। ନିଶା କାରବାର, ଦ୍ରୁତ ଗାଡି ଚାଳନାକୁ ରୋକ ଦେବା ପାଇଁ ସ୍ପେଶାଲ ଡ୍ରାଇଭ୍‌କୁ ତୀବ୍ର କରାଯିବ ବୋଲି ସେ କହିଥିଲେ। ଆଲୋଚନାର ସମସ୍ତ ପ୍ରସ୍ତାବକୁ ଏସ୍‌ପି, ଅବକାରୀ ଅଧୀକ୍ଷକ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ପ୍ରସ୍ତାବ ନିଆଯାଇଥିଲା। ସହ ସମ୍ପାଦକ ଆଦିତ୍ୟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଓକିଲ ସଂଘ, ବଣିକ ସଂଘ, ଟାଉନ କ୍ଲବ, ଟ୍ରକ ମାଲିକ ସଂଘ, ବେସରକାରୀ ବସ୍ ମାଲିକ ସଂଘ, ମାରୱାଡି ଯୁବା ମଞ୍ଚ ଆଦି ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ୫ରୁ କନସିଂହା ପ୍ୟାକ୍ସରେ ତାଲା ପକାଇବେ ଚାଷୀ

ପଦ୍ମପୁର,୧୬ (ଡି.ଏନ.ଏ.): ବରଗଡ ଜିଲା ପଦ୍ମପୁର ଉପଖଣ୍ଡ କନସିଂହା ବଜାର ପ୍ରାଙ୍ଗଣରେ ଚାରପାଲି କୃଷକ ସଙ୍ଗଠନ ସଭାପତି ଅମୃତଲାଲ ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କନସିଂହା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ କନସିଂହା, ପୁରେନା, ଭେଉଁରିଆ, ଲୋହରପାଲି, ଚାରପାଲି ଗ୍ରାମପଞ୍ଚାୟତ ରହିଛି। ତେଣୁ ଆଗାମୀ ସମବାୟ ନିର୍ବାଚନ ଓ ଫସଲ ବୀମା ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଥିଲା। ଫସଲ ବୀମା ପ୍ରାପ୍ୟ ନ ମିଳିବା ପର୍ଯ୍ୟନ୍ତ ସମବାୟ ନିର୍ବାଚନକୁ ବନ୍ଦ କରିବାକୁ ଚାଷୀମାନେ ପ୍ରସ୍ତାବ ଆଗତ କରିଥିଲେ। ନାମାଙ୍କନପତ୍ର ଦାଖଲ ଧାର୍ଯ୍ୟ ତାରିଖ ୫ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କନସିଂହା ପ୍ୟାକ୍ସରେ ତାଲା ପକାଇବାକୁ ବୈଠକରେ ଆଲୋଚନା ହୋଇଥିଲା। ରାଜବୋଡାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ, ସରପଞ୍ଚ ଟଙ୍କମଣି ସ୍ୱାଇଁ, କୈଳାସ ବାରିକ, ଭୋଜରାଜ ଭୋଇ, ଦେବରାଜ ସାହୁ, ରୋହିତ ପ୍ରଧାନ, ମୀନକେତନ ବିଶ୍ୱାଳଙ୍କ ସମେତ ସମସ୍ତ ପଞ୍ଚାୟତର ଚାଷୀ ପ୍ରତିନିଧି ଯୋଗଦାନ କରିଥିଲେ।

# ନୋ ହେଲ୍‌ମେଟ ନୋ ପେଟ୍ରୋଲ ନିୟମ କଡ଼ାକଡ଼ି

ସୋନପୁର,୧୬(ନି.ପ୍ର.)



ସହରର ଏକ ପେଟ୍ରୋଲ ପମ୍ପରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ହେଲମେଟ୍ ଯାଞ୍ଚ କରାଯାଉଛି।

ସୁବର୍ଣ୍ଣପୁର ଜିଲାରେ ଥିବା ପେଟ୍ରୋଲ ପମ୍ପଗୁଡିକରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ବୁଧବାର ମିଳିତ ଯାଞ୍ଚ କରାଯାଇଛି। ବାଇକ୍ ଚାଳକ ଓ ବାଇକ୍ ପଛରେ ବସିଥିବା ବ୍ୟକ୍ତିଙ୍କୁ ହେଲମେଟ୍ ପିନ୍ଧିବା ପାଇଁ ବାଧ କରାଯାଉଛି। ସୋନପୁର ସହରରେ ଥିବା ପେଟ୍ରୋଲ ପମ୍ପରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ସୋନପୁର ପୋଲିସ ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗ, ଅତିରିକ୍ତ ପରିବହନ ଅଧିକାରୀ ଶିବାଶିଷ ସାହୁ ପୋଲିସ ଓ ପରିବହନ ବିଭାଗର ଟିମ୍ ସହ ମିଳିତଭାବେ ହେଲମେଟ୍ ଯାଞ୍ଚ କରିଥିଲେ। ହେଲମେଟ୍ ପିନ୍ଧି ନଥିବା ବାଇକ୍ ଆରୋହୀଙ୍କୁ ପେଟ୍ରୋଲ ନ ଦେବା ପାଇଁ ପମ୍ପ ମାଲିକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ଚିଠି କରାଯାଇଛି। ଗତ ୨୪ତାରିଖରେ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲା ସଡକ ସୁରକ୍ଷା କମିଟି ବୈଠକର ନିଷ୍ପତ୍ତି ଅନୁଯାୟୀ ଯେଉଁ ପେଟ୍ରୋଲ ପମ୍ପ ଏହାର ଖିଲାଫ କରିବ ସମ୍ପୃକ୍ତ ପମ୍ପ ମାଲିକଙ୍କ ନିକଟରୁ ୫ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଜିଲାର ସମସ୍ତ ପେଟ୍ରୋଲ ପମ୍ପରେ ବ୍ୟାନର ଲଗାଯାଇଛି। ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ଓ ପେଟ୍ରୋଲ ପମ୍ପ ମାଲିକ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାରେ ସଡକ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ୨୦୧୯ ମସିହାରୁ ଜିଲାରେ ନୋ ହେଲମେଟ୍ ନୋ ପେଟ୍ରୋଲ ନିୟମ ଲାଗୁ ହୋଇଥିବା ବେଳେ ଏହି ନିୟମକୁ ଜୁନ୍ ୧ରୁ ଆହୁରି କଡାକଡି କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

ବ୍ୟାପକ ଜନସଚେତନତା ସୃଷ୍ଟି ସତ୍ତ୍ୱେ କେତେକ ବାଇକ୍ ଚାଳକ ଏହି ନିୟମ ମାନୁ ନାହାନ୍ତି। ଏ କ୍ଷେତ୍ରରେ

### ପେଟ୍ରୋଲ ପମ୍ପରେ ପୋଲିସ, ପରିବହନ ବିଭାଗର ମିଳିତ ଯାଞ୍ଚ

ପେଟ୍ରୋଲ ପମ୍ପ ମାଲିକଙ୍କ ବିଶେଷ ସହଯୋଗର ଆବଶ୍ୟକତା ରହିଛି। ସେହିପରି ବାଇକ ଚାଳକଙ୍କ ସହ ବାଇକରେ ବସିଥିବା ବ୍ୟକ୍ତିଙ୍କ ପାଇଁ ହେଲମେଟ୍ ଜରୁରୀ କରାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲାରେ ବାଇକ୍ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଥିରେ ରୋକ ଲଗାଇବା ପାଇଁ ପୋଲିସ ଓ ପରିବହନ ବିଭାଗ ଯାନ ବାହାନ ଯାଞ୍ଚକୁ ଆହୁରି କଡାକଡି କରିଛି। ଏଥିପାଇଁ ପୋଲିସ ଓ ପରିବହନ ବିଭାଗ ହେଲମେଟ୍, ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କଡାକଡି କରିବା ସହିତ ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡକ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ତେବେ ମିଳିତ ଯାଞ୍ଚ ପରେ ବି କିଛି ସ୍ଥାନରେ ହେଲମେଟ୍ ପିନ୍ଧି ନଥିବା ବ୍ୟକ୍ତିଙ୍କୁ ପମ୍ପରେ ପେଟ୍ରୋଲ ଦିଆ ଯାଉଥିବା ଅଭିଯୋଗ ହୋଇଛି।

# ଗାନ୍ଧୀ ଜୟନ୍ତୀରୁ ଗଡ଼ିବ କୋସଲ ସଚେତନତା ରଥ



ଖବରଦାତା ସମ୍ମିଳନୀରେ କୋସଲ ରାଜ୍ୟ ସମନ୍ୱୟ ସମିତି କର୍ମକର୍ତ୍ତା।

ଅମରପାଲି,୧୬ (ଡି.ଏନ.ଏ.)

ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନ ଦାବିରେ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଜୟପ୍ରକାଶ ଜୟନ୍ତୀ ପର୍ଯ୍ୟନ୍ତ ପଶ୍ଚିମ ଓଡିଶାର ୫ ଲୋକସଭା କ୍ଷେତ୍ରରେ କୋସଲ ସଚେତନତା ରଥ ପରିକ୍ରମା କରିବ। ଏନେଇ ସ୍ଥାନୀୟ ହୋଟେଲ ଅନ୍ନପୂର୍ଣ୍ଣା ରେସିଡେନ୍ସିଠାରେ ଏକ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି କୋସଲ ରାଜ୍ୟ ସମନ୍ୱୟ ସମିତି ସଂଗଠନ ସମ୍ପାଦକ କିଶୋର ହୋତା। ପଶ୍ଚିମ ଓଡିଶା ହାଇକୋର୍ଟ ବେଞ୍ଚ ଅଞ୍ଚଳର ଜନସାଧାରଣ ଓ ଆଇନଜୀବୀଙ୍କର ଦୀର୍ଘଦିନର ଦାବି। ହେଲେ ଏହାକୁ ନେଇ ଜନପ୍ରତିନିଧିମାନେ ମୁହଁ ନ ଖୋଲି ନୀରବ ରହୁଛନ୍ତି। ଆଜି ପର୍ଯ୍ୟନ୍ତ ପଶ୍ଚିମ ଓଡିଶା ବିକାଶ ପରିଷଦ ସ୍ଥାୟୀ ଅଫିସ ପଶ୍ଚିମ ଓଡ଼ିଶାରେ ନହୋଇ ଭୁବନେଶ୍ୱରଠାରେ ରଖିବାର କାରଣ କଣ ବୋଲି ସେ ପ୍ରଶ୍ନ କରିଛନ୍ତି। ପଶ୍ଚିମ ଓଡିଶାରେ ଅନେକ କଳକାରଖାନା ଥାଇ ମଧ୍ୟ ଏଠାକାର ଶିକ୍ଷିତ ବେକାର ଯୁବକ, ଯୁବତୀ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ବାଧ ହେଉଛନ୍ତି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ନୁହେଁ ସ୍ୱତନ୍ତ୍ର କୋସଲ ରାଜ୍ୟ ଓ ସ୍ୱୟଂ ସମ୍ପନ୍ନ ହାଇକୋର୍ଟର ଆବଶ୍ୟକ ରହିଛି। ଏଥିପାଇଁ ପଶ୍ଚିମ ଓଡିଶାକୁ ନେଇ ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନ ଦାବିରେ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ଅକ୍ଟୋବର ୧୧ ଜୟପ୍ରକାଶ ଜୟନ୍ତୀ ପର୍ଯ୍ୟନ୍ତ ଏକ ସଚେତନତା ରଥ ପରିକ୍ରମା କରିବ ବୋଲି ସୂଚନା ଦେଇଥିଲେ। ଏହି ରଥ ବଲାଙ୍ଗୀର, ବରଗଡ, ସମ୍ବଲପୁର, ସୁନ୍ଦରଗଡ, କଳାହାଣ୍ଡି ଲୋକସଭା କ୍ଷେତ୍ର ସମେତ ବୌଦ୍ଧ ଜିଲାର ବୌଦ୍ଧ ଓ କନ୍ଧମାଳ ବିଧାନସଭା କ୍ଷେତ୍ର ପରିକ୍ରମା କରିବ। ରଥ ବୁଲିବା ସମୟରେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ସାମାଜିକ କର୍ମୀ ଓ ସାଧାରଣ ଜନତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୁବର୍ଣ୍ଣପୁର ଜିଲା କୋସଲ ରାଜ୍ୟ ସମନ୍ୱୟ ସମିତି ଯୁବ ସଂଯୋଜକ ଆଶ୍ରୟ ମହାନନ୍ଦ ଉପସ୍ଥିତ ଥିଲେ।

## କୋଟସମଲାଇ ପ୍ରିମିୟର ଲିଗ୍: ଖୁଣ୍ଟୁଲାପାଲି ଚାମ୍ପିୟନ

ଅମରପାଲି,୧୬(ଡି.ଏନ.ଏ.)



ଚାମ୍ପିୟନ ଖୁଣ୍ଟୁଲାପାଲି ଦଳକୁ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇଠାରେ ଶ୍ରୀଜଗନ୍ନାଥ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୦ମ କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ହରିଣାପାଲିକୁ ହରାଇ ଖୁଣ୍ଟୁଲାପାଲି ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନି ଫର୍ମାଟ୍‌ବିଶିଷ୍ଟ ହୋଇଥିଲା। ଖୁଣ୍ଟୁଲାପାଲି ଟସ୍ ଜିଣି ପ୍ରଥମ ଫର୍ମାଟ୍‌ରେ ପ୍ରଥମେ ବ୍ୟାଟିଂ କରିବା ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୭ ଓଭରରେ ଦଳ ୬ ଉଇକେଟ ହରାଇ ସୌରମ୍ୟ ସେଠୀଙ୍କ ୧୪ ଓ କୃଷ୍ଣ ସୁଲାଙ୍କ ୧୦ରନ ସହାୟତାରେ ୫୦ରନ କରିଥିଲା। ଜବାବରେ ହରିଣାପାଲି ବିଷ୍ଣୁଙ୍କ ୧୯ରନ ସତ୍ତ୍ୱେ ନିର୍ଦ୍ଧାରିତ ୭ ଓଭରରେ ୬ଉଇକେଟ ହରାଇ ୪୭ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ଫର୍ମାଟ୍‌ରେ ଖୁଣ୍ଟୁଲାପାଲି ଦଳ ନିର୍ଦ୍ଧାରିତ ୪ ଓଭରରେ ୨୭ରନ କରିଥିବା ବେଳେ ହରିଣାପାଲି ଦଳ ୨.୪ ଓଭରରେ ୫ଉଇକେଟ ହରାଇ ୨୮ରନ କରି ବିଜୟୀ ହୋଇଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟ୍‌ରେ ବିଜୟୀ ହେବାରୁ ସୁପର -୨ ଓଭର ଖେଳାଯାଇଥିଲା। ଏଥିରେ ହରିଣାପାଲି ୧୧ରନ କରିଥିବା ବେଳେ ଖୁଣ୍ଟୁଲାପାଲି ୧୨ରନ କରିଥିଲା। ଫଳରେ ଖୁଣ୍ଟୁଲାପାଲି ଦଳ ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି କୃତ୍ତିବାସ ମିଶ୍ର ମୁଖ୍ୟଅତିଥି ଏବଂ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ଦେହେରୀ, କ୍ରୀଡାବିତ୍ ଇନ୍ଦ୍ରମଣି ପଧାନ, ନାଏବ ସରପଞ୍ଚ ଯଶୋବନ୍ତ ପଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଖୁଣ୍ଟୁଲାପାଲିର କୃଷ୍ଣ ସୁଲାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜଭାବେ ପୁରସ୍କୃତ କରଯାଇଥିଲା। ଏଥିସହିତ ଚାମ୍ପିୟନ ଦଳକୁ ନଗଦ ୫ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୩ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ ନିତ୍ୟାନନ୍ଦ ପଧାନ ଓ ଧୀରୁ କୁମାର ସାହୁ ଅମ୍ପାୟର, ନେହେରୁ ସେଠୀ ସ୍କୋରିଂ ଏବଂ ମହେଶ ଦେହେରୀ ଓ ରାମ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ।

### ଗୁଳି ମାରି ହତ୍ୟା ଘଟଣା: ଅଭିଯୁକ୍ତ ସ୍ୱାମୀ କୋର୍ଟ ଚାଲାଣ

ବୌଦ୍ଧ,୧୬(ସ୍ୱ.ପ୍ର.)

ଗୁଳି ମାରି ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣାରେ ହରଭଙ୍ଗା ପୋଲିସ ବୁଧବାର ଅଭିଯୁକ୍ତ ସ୍ୱାମୀ ରୋହିତ ମଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମହାଲିକପଡା ଗ୍ରାମ ପଞ୍ଚାୟତର ତଇଲାସାହିରେ ଗତ ମଙ୍ଗଳବାର ଦିନ ଏହି ହତ୍ୟାକାଣ୍ଡ ଘଟିଥିଲା। ପାରିବାରିକ କଳହକୁ ନେଇ ରୋହିତ ଏକ ଦେଶୀ ବନ୍ଧୁକରୁ ସ୍ତ୍ରୀ ଗୀତାଞ୍ଜଳି ଉପରକୁ ଗୁଳି ଚଳାଇଥିଲେ। ଗୁରୁତର ଅବସ୍ଥାରେ ଗୀତାଞ୍ଜଳିଙ୍କୁ ଚିକିତ୍ସା ପାଇଁ ହରଭଙ୍ଗା ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ହରଭଙ୍ଗା ଥାନାରେ ନଂ ୪୧/୨୨ରେ ଯୌତୁକଜନିତ ହତ୍ୟା ମାମଲା ରୁଜୁ ହୋଇଛି।

### ଅଗ୍ନିକାଣ୍ଡରେ ୩ ପରିବାର ସର୍ବସ୍ୱାନ୍ତ

ବାଉଁଶୁଣୀ,୧୬(ଡି.ଏନ.ଏ.)

ବୌଦ୍ଧ ବ୍ଲକ ମନମୁଣ୍ଡା ଥାନା କସୁରବନ୍ଧ ଗ୍ରାମ ପଞ୍ଚାୟତର ସୁନାଖାଇଝୁଲି ଗ୍ରାମରେ ବୁଧବାର ଅପରାହ୍ନରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ତିନୋଟି ପରିବାରର ୫ ବଖରା ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡରେ ଧାନ, ଚାଉଳ ସମେତ ଘରକରଣା ଆସବାବପତ୍ର ପୋଡିଯାଇଛି। ବାଉଁଶୁଣୀରୁ ଦମକଳବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଭରତ ମଳିକ, ସୁଦାମ ଜାନି ଓ କୃଷ୍ଣ ଜାନୀଙ୍କ ପରିବାର ସର୍ବସ୍ୱାନ୍ତ ହୋଇପଡିଛନ୍ତି। ଖବରପାଇ ରକ୍ସା ସେବା ସମବାୟ ସମିତିର ପୂର୍ବତନ ସଭାପତି ତଥା ସାମାଜିକ କର୍ମୀ ଶିବଶଙ୍କର କର୍ଣ୍ଣ ଅଗ୍ନି ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ୫୦ଶିକ୍ଷକ ନେଲେ ଦକ୍ଷତା ବୃଦ୍ଧି ତାଲିମ



ତାଲିମ ଗ୍ରହଣ କରିଥିବା ଶିକ୍ଷକଙ୍କ ସହ ଅତିଥିମାନେ।

ବିନିକା,୧୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁହିବାହାଲ ଉଚ୍ଚ ବିଦ୍ୟାଳୟରେ ୫ଧରି ଚାଲିଥିଲା ଦକ୍ଷତା ବୃଦ୍ଧି ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ବିନିକା,ଡୁଙ୍ଗୁରିପାଲି ଓ ତରଭା ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥିଭାବେ ସୋନପୁର ଜିଲା ଶିକ୍ଷା ନିର୍ଦ୍ଦେଶକ ଲକ୍ଷ୍ମଣ ଭୋଇ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଭୋଇ ଯୋଗଦେଇଥିଲେ। ଦକ୍ଷତା ବୃଦ୍ଧି ତାଲିମ ଶିବିରକୁ ସୁଚାରୁ ରୂପେ ସମ୍ପାଦନ କରିଥିବା କୁହିବାହାଲ ହାଇସ୍କୁଲ ପ୍ରଧାନଶିକ୍ଷକ ମୁରଲୀ ବିଶ୍ୱାଳଙ୍କୁ ସମ୍ମାନୀତ କରାଯାଇଥିଲା। ବିଭିନ୍ନ ଜିଲାର ସାଧନ କର୍ମୀ ଶିବିରରେ ଯୋଗଦେଇ ୫୦ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରର ସଫଳ ସମାପନରେ ଶିକ୍ଷକ ଡୋଳାମଣୀ ପଧାନ, କୁଞ୍ଜବିହାରୀ ସାହୁ, ଶେଷଦେବ ଛତ୍ର, ରୋହିତ କୁମାର ପୁଟେଲ ସହଯୋଗ କରିଥିଲେ।

## ପିଲା ଚୋରି ବେଳେ ଧରା ପଡ଼ି ଛେଚା ଖାଇଲେ ଯୁବକ

କନ୍ଧମାଳ,୧୬(ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ଥାନା କସୁରବନ୍ଧ ପଞ୍ଚାୟତର ନୂଆପାଲି ଗ୍ରାମରେ ପିଲା ଚୋରି କରୁଥିବା ବେଳେ ଧରା ପଡି ଜଣେ ଯୁବକ ଛେଚା ଖାଇବା ଘଟଣା ଆଲୋଡନ ସୃଷ୍ଟି କରିଛି। ମିଳିଥିବା ସୂଚନା ମୁତାବକ, ଗ୍ରାମର ଭାଗୀରଥି କର୍ଣ୍ଣଙ୍କ ପରିବାର ମଙ୍ଗଳବାର ରାତିରେ ଖାଇ ସାରି ଘରେ ଶୋଇ ପଡିଥିଲେ। ରାତି ପ୍ରାୟ ଗୋଟାଏ ବେଳେ ଭାଗୀରଥିଙ୍କ ୪ ବର୍ଷର ପୁଅ କାନ୍ଦିବାର ଶୁଣି ପରିବାର ଲୋକ ଉଠି ପଡିଥିଲେ। ଏହି ସମୟରେ ଅଭିଯୁକ୍ତ ଯୁବକ ଜଣକ ଛୋଟ ଶିଶୁକୁ ଧରି ପଳାଇ ଯାଉଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରା ପଡି ଛେଚା ଖାଇଥିଲେ। ଅଭିଯୁକ୍ତ ଯୁବକଙ୍କ ଘର ସୋନପୁର ଜିଲା ବୀରମହାରାଜପୁର ଥାନା ସୁବଳୟା ଗ୍ରାମରେ ଓ ସେ ସ୍କୁଟିରେ ଆସିଥିଲେ ବୋଲି ଗ୍ରାମବାସୀଙ୍କ ଠାରୁ ଜଣାପଡିଛି। ଏନେଇ ଭାଗୀରଥି ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଅଧିକ ଜାଣିବା ପାଇଁ ମନମୁଣ୍ଡା ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କୁ ଫୋନ ଯୋଗେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ।

## ବ୍ଲକ ସଂକୀର୍ତ୍ତନ ପରିଷଦର ବୈଠକ

ଅମରପାଲି,୧୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂକୀର୍ତ୍ତନ୍ୟ ପରିଷଦର ବୈଠକ ବୁଧବାର ବଡ଼ଖମାର ବରାହପଦର ମଠରେ ସଂକୀର୍ତ୍ତନ୍ୟ ଗୁରୁ ତଥା ବ୍ଲକ ସଂଯୋଜକ ସୁରେନ୍ଦ୍ର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦୁଇ ସଂକୀର୍ତ୍ତନ୍ୟ କଳାକାର ଅମୂଲ୍ୟମଣି ରାଣୀପୁର ଗ୍ରାମର ସାଲକା ଥପା ଓ ଲୁତୁରପଙ୍କ ଗ୍ରାମର ସୁବଳ ମହାକୁରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ୍ୟ ପରିଷଦର ସମସ୍ତ ନୀତିନିୟମ ଉପରେ ଆଲୋଚନା କରାଯାଇ ବ୍ଲକର ସମସ୍ତ କୀର୍ତ୍ତନ ମଣ୍ଡଳୀ ପରିଷଦରେ ସାମିଲ ହେବାକୁ ଆଲୋଚନା ହୋଇଥିଲା। ଏହା ସହିତ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ତରଫରୁ ଦିଆଯାଇଥିବା ଅନ୍‌ଲାଇନ ଆବେଦନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହାବ୍ୟତୀତ କଳାକାର ଭତ୍ତା ହିତାଧିକାରୀ ତୁରନ୍ତ ଚୟନ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁବଳ ବେହେରା, ସନ୍ତୋଷ ପାତ୍ର, ମହେଶ୍ୱର ମହାକୁର, ବିଶ୍ୱଜିତ ସେଠୀ, ତ୍ରିଲୋଚନ ନନ୍ଦ, ଘାସିରାମ ମଲ୍ଲିକ, ନରେଶ ପଧାନ, ପ୍ରାଣବନ୍ଧୁ ଦେହୁରୀ ଓ ରଞ୍ଜନ କର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସଦସ୍ୟ ଘୁଣ୍ଟୁ ଗୋପାଳ ଦାସ ସଭା ପରିଚାଳନା ଓ ନୀଳାଞ୍ଚଳ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ସଂକୀର୍ତ୍ତନ୍ୟ ପରିଷଦ ବୈଠକରେ ଉପସ୍ଥିତ କଳାକାରମାନେ।

# ମହିଳା ସ୍ୱାସ୍ଥ୍ୟକର୍ମୀ ଅନୁପସ୍ଥିତ, ଟିକାକରଣ ବନ୍ଦ

ଅମରପାଲି,୧୬(ଡି.ଏନ.ଏ.)



ମସିଣାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ନ ହେବାରୁ ଫେରୁଛନ୍ତି ପ୍ରସୂତି ଓ ଗର୍ଭବତୀ।

### ଖରାରେ ଫେରିଲେ ୩୦ପ୍ରସୂତି, ଗର୍ଭବତୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ ଅନ୍ତର୍ଗତ ମସିଣାପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ବୁଧୁବାର ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଅନୁପସ୍ଥିତ ଯୋଗୁଁ ଗର୍ଭବତୀ ଓ ପ୍ରସୂତିଙ୍କ ଟିକାକରଣ ହୋଇପାରିଲା ନାହିଁ। ଫଳରେ ୩ରୁ ଉର୍ଦ୍ଧ୍ୱ ପ୍ରସୂତି ଓ ଗର୍ଭବତୀ ଖରାରେ ଟିକା ନେଇ ନ ପାରି ଫେରିଥିବା ଅଭିଯୋଗ ହୋଇଛି। ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ପ୍ରତ୍ୟେକ ମାସ ପ୍ରଥମ ବୁଧବାର ଗର୍ଭବତୀ, ପ୍ରସୂତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଟିକାକରଣ କରାଯାଇଥାଏ। ବୁଧୁବାର ଉକ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅନ୍ତର୍ଗତ ମସିଣାପାଲି, ହୋତାପାଲି, ବ୍ରାହ୍ମଣୀପାଲି, ବରଘାଟଦାଦର, ମସିଣାପାଲି ଜଙ୍ଗଲ, ଗୌଘାଟ ଓ କୁଞ୍ଜାପାଲିରୁ ଅନେକ ଗର୍ଭବତୀ ଓ ପ୍ରସତୀ ଛୋଟ ଶିଶୁଙ୍କୁ ନେଇ ଆସିଥିଲେ। ଟିକା ନେବାପାଇଁ ସେମାନେ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଟିକାକରଣ ପାଇଁ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପ୍ରିୟବ୍ରତ ଜଗଦଲା ଉପସ୍ଥିତ ଥିଲେ। ମାତ୍ର ନିୟମ ଅନୁସାରେ ମହିଳା ସ୍ୱାସ୍ଥ୍ୟକର୍ମୀ ଅନୁପସ୍ଥିତ ରହିଲେ ଟିକାକରଣ ହୋଇପାରିବ ନାହିଁ। ଏଣୁ ଟିକା ନେଇ ନ ପାରି ମହିଳାମାନେ ପ୍ରାୟ ୫ କି.ମି ଦୂର ଘରକୁ ନିରାଶ ହୋଇ ଫେରିଥିଲେ। ସୂଚନାଯୋଗ୍ୟ ଉକ୍ତ କେନ୍ଦ୍ରରେ ପୂର୍ବରୁ ମଧ୍ୟ ତିନିଥର ଏଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା। ଉକ୍ତ କେନ୍ଦ୍ରରେ ମିନତି ରଣା ନାମକ ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ହୋଇ ପରବର୍ତ୍ତୀ ସମୟରେ ଅନ୍ୟ କୌଣସି କେନ୍ଦ୍ରକୁ ଡେପୁଟେସନରେ ଯାଇଥିଲେ। ତାଙ୍କ ପରେ କମିରା କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ବିସ୍ମିତା ପାତ୍ରଙ୍କୁ ମସିଣାପାଲି କେନ୍ଦ୍ରକୁ ଡେପୁଟେସନ କରାଯାଇ ଉକ୍ତ କେନ୍ଦ୍ର ଦାୟିତ୍ୱ ଦିଆଯାଇ ଥିଲା। ଏବେ କମିରା କେନ୍ଦ୍ରର କର୍ମୀଙ୍କ ପ୍ରମୋସନ ହେବାରୁ ତାଙ୍କୁ ମେଣ୍ଡା କେନ୍ଦ୍ରକୁ ବଦଳି ହୋଇଛି। ତାଙ୍କ ପରେ ମିନତିଙ୍କୁ ମସିଣାପାଲିରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ ଏଯାଏ କାର୍ଯ୍ୟରେ ଯୋଗଦେଇ ନାହାନ୍ତି। ଗୁରୁବାର ଉକ୍ତ କେନ୍ଦ୍ରରେ ଟିକାକରଣ କରାଯିବ ବୋଲି ବୀରମହାରାଜପୁର ଏସ୍‌ଡିଏମଓ ରବୀନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି।

